୬ ରାହୁଲ ଦ୍ରାବିଡ୍‌ଙ୍କ ପରେ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ରେସ୍‌ରେ ୩ କ୍ରିକେଟର





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS

# ସମ୍ବାଦ କଳିକା

The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
ପୃଷ୍ଠା ମୂଲ୍ୟ : ୨.୦୦
8 Pages,₹ 2.00
● ବର୍ଷ-୩୧ ● ସଂଖ୍ୟା-୧୦୮ ● ୧୬ ମଇ ୨୦୨୪, ଗୁରୁବାର ● ଭୁବନେଶ୍ୱର ● Vol -31 ● Issue-108 ● 16th May 2024, Thursday ● Bhubaneswar
Licensed to post without pre-payment of postage No- BN-60/22-24


## ବିଜୁ ଜନତା ଦଳ ସରକାର ମାଗଣାରେ ବିଜୁଳି ଦେବେ




**ରାଉରକେଲା/ଦେବଗଡ/ଛେଣ୍ଡିପଦା/ଆଠମଲ୍ଲିକ , ୧୫/୦୫**
**ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ ବୁଧବାର ରାଉରକେଲାରେ ପ୍ରଚାର ଆରମ୍ଭ କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଛନ୍ତି । ପ୍ରବଳ ଖରାରେ ଲୋକଙ୍କ ବିପୁଳ ଉପସ୍ଥିତି ଯୋଗୁଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ । ନିଜର ଚିରାଚରିତ ବହୁତ କମ୍ କଥାରେ ସେ ତାଙ୍କର ବକ୍ତବ୍ୟ ଶେଷ କରିଥିଲେ । ଲୋକଙ୍କ ଭିତରେ ଥିଲା ବିପୁଳ ଉତ୍ସାହ । ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ଥିଲା କଥା କମ୍, ବିପୁଳ ଜନ ସମର୍ଥନର ଏକ ଦର୍ଶନୀୟ ଉଦାହରଣ । ମୁଖ୍ୟମନ୍ତ୍ରୀ କହିଥିଲେ ଜୁଲାଇ ମାସରୁ ବିଜୁଳି ବିଲ୍ ଆସିବ ନାହିଁ । ବିଜୁ ଜନତା ଦଳ ସରକାର ମାଗଣାରେ ଆପଣଙ୍କମାନଙ୍କୁ ବିଜୁଳି ଦେବେ । ଆପଣମାନେ ଖୁସି ତ ? ଏହାପରେ ବିପୁଳ ଉତ୍ସାହ, ଖୁସି ଓ କରତାଳିରେ ପ୍ରକମ୍ପିତ ହୋଇଥିଲା ସଭାସ୍ଥଳ । ଲୋକଙ୍କ ମିଜାଜ୍ ଥିଲା ଖୁବ୍ ଉତ୍ସାହପ୍ରଦ । ନବୀନ ପଟ୍ଟନାୟକ ଭଲ କି ? ପଚାରିଲେ ମୁଖ୍ୟମନ୍ତ୍ରୀ । ଏହାପରେ ଉଚ୍ଛ୍ୱସିତ 'ହଁ' ରେ ପ୍ରତିଧ୍ୱନିତ ହେଇଥିଲା ସଭାସ୍ଥଳ । ବିଭିନ୍ନ ଜନ କଲ୍ୟାଣ ଯୋଜନାର ସୁଫଳ ସମ୍ପର୍କରେ ଜନମତ ଗ୍ରହଣ କରିଥିଲେ ମୁଖ୍ୟମନ୍ତ୍ରୀ । ମିଶନ ଶକ୍ତି, ୫ଟି ସ୍କୁଲ ରୂପାନ୍ତର, କାଳିଆ ଯୋଜନା, ନୂଆ-ଓ ଛାତ୍ରବୃତ୍ତି, ମମତା ଯୋଜନା ଆଦି ସବୁ ପ୍ରଶ୍ନରେ ଜନତା ଭରିଥିଲେ 'ହଁ' । ଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିରୋଧୀ ଦଳ ମିଛ କଥା କହୁଛନ୍ତି, କୁମ୍ଭୀରକାନ୍ଦଣା କାନ୍ଦୁଛନ୍ତି । ଆପଣ ସେମାନଙ୍କୁ ବିଶ୍ୱାସ କରନ୍ତୁ ନାହିଁ । ପ୍ରଚାରରେ ଯୋଗ ଦେଇ ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ କହିଲେ ଯେ ରାଉରକେଲାକୁ ଓ ହକିକୁ ମୁଖ୍ୟମନ୍ତ୍ରୀ ବହୁତ ଭଲ ପାଆନ୍ତି । ରାଉରକେଲାରେ ରୂପାନ୍ତର ଆସିଛି । ବର୍ତ୍ତମାନର (ପୃଷ୍ଠା ୭ରେ)

## ମୁଖ୍ୟମନ୍ତ୍ରୀ ବଡବଡ ମହାବାତ୍ୟା ଦେଖିଛନ୍ତି, ବିରୋଧିଙ୍କ ହାୱା କିଛି ଫରକ ପଡିବନି : କାର୍ତ୍ତିକ ପାଣ୍ଡିଆନ୍




**ଭୁବନେଶ୍ୱର, ୧୫/୦୫**
**ନ୍ୟୁଜ ବ୍ୟୁରୋ**

ବିରୋଧୀମାନେ ହେଉଛନ୍ତି 'ନିର୍ବାଚନ ପର୍ଯ୍ୟଟକ' । ନିର୍ବାଚନ ଆସିଲେ ସେମାନେ ଆସନ୍ତି, ମିଠାମିଠା କଥା କହନ୍ତି । ଆଉ ନିର୍ବାଚନ ଶେଷ ହେବାପରେ ଖୋଜିଲେ ବି ସେମାନଙ୍କ ଦେଖା ମିଳେନାହିଁ । 'ନିର୍ବାଚନ ପର୍ଯ୍ୟଟକ' କିଏ ଆଉ ଓଡ଼ିଶାବାସୀଙ୍କ ପାଇଁ ୨୪ ଘଣ୍ଟା କାମ କରୁଛି କିଏ ତାହା ଓଡ଼ିଶାବାସୀ ଜାଣନ୍ତି । ରାଜ୍ୟରେ ଶେଷ ହୋଇଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୨୮ ବିଧାନସଭା ଆସନରୁ ବିଜେଡି ୨୪ ଆସନରେ ବିଜୟଲାଭ କରିବା ସହ ଅନ୍ୟ ତିନିଟି ପର୍ଯ୍ୟାୟ ନିର୍ବାଚନରେ ମଧ୍ୟ ବିଜେଡି ବାଜିମାତ୍ କରିବ । ଆଉ ରାଜ୍ୟବାସୀଙ୍କ ଆର୍ଶୀବାଦରୁ ନବୀନ ପଟ୍ଟନାୟକ ପୁଣିଥରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ବୋଲି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ବୁଧବାର ଏକ ସମ୍ବାଦ ସରବରାହ ସଂସ୍ଥାକୁ ଦେଇଥିବା ଏକ ସାକ୍ଷାତକାରରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ କହିଛନ୍ତି ରାଜ୍ୟରେ ତିନି ଚତୁର୍ଥାଂଶ ବିଧାନସଭା ଆସନ ସହ ବିଜେଡି ସରକାର ଗଢ଼ିବ ଓ ଲୋକସଭାରେ ପୂର୍ବଠାରୁ ବିଜେଡିକୁ ଅଧିକ ଆସନ ମିଳିବ । ପ୍ରଥମ ପର୍ଯ୍ୟାୟରେ ୪ଟି ଲୋକସଭା ଆସନ ଓ ୨୮ ବିଧାନସଭା ଆସନ ନିମନ୍ତେ ହୋଇଥିବା ନିର୍ବାଚନରେ ବିଜେଡି ୨୪ ଆସନ ଜିତିବ । ଓଡ଼ିଶାରେ କେବଳ ନବୀନ ବାବୁଙ୍କ ପତାକା, ବିଜେଡି ପତାକା ଉଡୁଛି, ଆଉ ଆଗକୁ ଉଡିବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବହୁତ ବଡ ବଡ ମହାବାତ୍ୟା ଦେଖିଛନ୍ତି, ଏଣୁ ବିଜେପି ନେତାଙ୍କ ହାୱା କିଛି ଫରକ ପକେଇବନି । ଓଡ଼ିଶାରେ କେବଳ ନବୀନ ବାବୁଙ୍କ ହାୱା ଚାଲେ ଏବଂ ଚାଲିବ ବୋଲି ପାଣ୍ଡିଆନ କହିଛନ୍ତି । ସେହିପରି ଓଡ଼ିଶାରେ ନିର୍ବାଚନ ପ୍ରଚାର ପାଇଁ ପର୍ଯ୍ୟଟକ ଭଳି ଆସିଥିବା ବିଜେପି ନେତାଙ୍କୁ ମଧ୍ୟ ଟାର୍ଗେଟ୍ କରିଛନ୍ତି ପାଣ୍ଡିଆନ । ସେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ହୁଅନ୍ତୁ କି ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ୫-୧୦ ବର୍ଷରେ ଥରେ ଟୁରିଷ୍ଟ ହୋଇ ଆସନ୍ତି ଆଉ ସେମାନେ (ପୃଷ୍ଠା ୭ରେ)

## ଉମ୍ବରୁଧର ଉଲାକାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର, ୧୬/୦୫**
**ନ୍ୟୁଜ ବ୍ୟୁରୋ**

ପୂର୍ବତନ ମନ୍ତ୍ରୀ ଉମ୍ବରୁଧର ଉଲାକାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକପ୍ରକାଶ କରିଛନ୍ତି । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ରାଜନେତା ଉମ୍ବରୁଧର ଉଲାକାଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ । ଜନସେବାରେ ତାଙ୍କର କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ । ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି ।

## ସିଲଭର ସିଟି'ରେ ଅମିତ ଶାହଙ୍କ ବିଶାଳ ରୋଡ୍ ସୋ'

**କଟକ, ୧୫/୦୫**
**ନ୍ୟୁଜ ବ୍ୟୁରୋ**

ସିଲ୍‌ଭର ସିଟି କଟକ ସହରରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ବୁଧବାର ବିଶାଳ ରୋଡ୍ ସୋ' କରିବା ସହ ବିଜେପିର ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ଭିକ୍ଷା କରିଛନ୍ତି । ଶ୍ରୀ ଶାହାଙ୍କ ରୋଡ ସୋ'ରେ ହଜାର ହଜାର ସଂଖ୍ୟାରେ ବିଜେପି କର୍ମକର୍ତ୍ତା ଓ ସାଧାରଣ ଜନତା-କର୍ମୀ ସାମିଲ୍ ହୋଇଥିଲେ । ଗଞ୍ଜାମ ଜିଲ୍ଲାର ସୋରଡ଼ା ଜନ ସମାବେଶ ସାରିବା ପରେ ଅପରାହ୍ନରେ କଟକ ସହରରେ ପହଞ୍ଚିଥିଲେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । କଟକରେ ପହଞ୍ଚିବା ପରେ ଜିଲ୍ଲା ବିଜେପି ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଅମିତ ଶାହ ଗୋପବନ୍ଧୁ ପାର୍କକୁ ଯାଇ ସେଠାରୁ ଆରମ୍ଭ କରିଥିଲେ ରୋଡ୍ ସୋ' କାର୍ଯ୍ୟକ୍ରମ । ଏହି ରୋଡ୍ ସୋ'ରେ କଟକ ଲୋକସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ, ବିଧାୟକ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସାମିଲ ହୋଇଥିଲେ । ଦୀର୍ଘ ସମୟ ଧରି ରାସ୍ତାର ଦୁଇ ପାର୍ଶ୍ୱରେ ଛିଡ଼ା ହୋଇଥିବା ହଜାର ହଜାର ସଂଖ୍ୟାର ସାଧାରଣ ଜନତା ଓ ବିଜେପି କର୍ମକର୍ତ୍ତାଙ୍କ ଅଭିବାଦନକୁ ହାତ ହଲାଇ ଶାହ ଗ୍ରହଣ କରିଥିଲେ । ଶାହଙ୍କ ରୋଡ୍ ସୋ' ଗୋପବନ୍ଧୁ ପାର୍କରୁ ବାହାରି ବକ୍ସି ବଜାର, ତିନିକୋଣିଆ ବଗିଚା, ଦରଘା ବଜାର, ଗୌରୀଶଙ୍କର ପାର୍କ, ନୟାସଡକ ଦେଇ ବାଲୁବଜାର-ଚାନ୍ଦିନୀଚୌକ (ପୃଷ୍ଠା ୭ରେ)




## ଦ୍ୱିତୀୟ ପର୍ଯ୍ୟାୟ ତାତି ବଢ଼ିଲା: ଉଠୁଛି ପଡୁଛି ଓଡ଼ିଶା

**ଭୁବନେଶ୍ୱର, ୧୫/୦୫**
**ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ ହୋଇଛି । ୨୦ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ । ଏଥି ପାଇଁ ପ୍ରଚାର ମଇଦାନ ବେଶ୍ ସରଗରମ ହେବାରେ ଲାଗିଛି । ପୂରା ଓଡ଼ିଶା ଏବେ ଉଠୁଛି ପଡୁଛି । ତିନି ପ୍ରମୁଖ ଦଳ ସେମାନଙ୍କ ପ୍ରଚାରକୁ ଜୋରଦାର କରିଛନ୍ତି । ବିଜେପି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରଗୃହ ମନ୍ତ୍ରୀ ଅମିତ ଶାହଙ୍କ ସମେତ ହେଭିୱେଟ ନେତାମାନେ ଘନ ଘନ ଓଡ଼ିଶା ଗସ୍ତ କରୁଥିଲା ବେଳେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ସବୁ ସଂସଦୀୟ କ୍ଷେତ୍ରରେ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଚଳାଇଛନ୍ତି । କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ଓଡ଼ିଶା ଆସି ନେତା ଓ କର୍ମୀଙ୍କୁ ବଳ ଦେଉଛନ୍ତି । ବୁଧବାର ହାଇଭୋଲଟେଜ୍ ପ୍ରଚାର ଦେଖିବାକୁ ମିଳିଥିଲା । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ସୋରଡ଼ାରେ ବିଜୟ ସଂକଳ୍ପ ସମାବେଶରେ ଉଦ୍‌ବୋଧନ ଦେବା ସହ ତା' ସହ କଟକରେ ବିଶାଳ ରୋଡ୍ ସୋ'ରେ ବିଜେପି ପ୍ରାର୍ଥୀଙ୍କ ପାଇଁ ଭୋଟ୍ ମାଗିଛନ୍ତି । ଶାହ ୧୯ ତାରିଖରେ ପୁଣି ସମ୍ବଲପୁର ଆସିବାର କାର୍ଯ୍ୟକ୍ରମ ରହିଛି । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ ପି ନଡ୍ଡା ମଧ୍ୟ ବୁଧବାର ଦିନ ଭୁବନେଶ୍ୱରରେ ପହଞ୍ଚି (ପୃଷ୍ଠା ୭ରେ)



## ଏଣିକି ଘରେ ବସି କରିପାରିବେ ଜେନେରାଲ ଟିକେଟ୍

**ନୂଆଦିଲ୍ଲୀ, ୧୫/୦୫**

ଭାରତରେ ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ଟ୍ରେନରେ ଯାତ୍ରା କରନ୍ତି । ସଂରକ୍ଷିତ ଟିକେଟ ବ୍ୟତୀତ ଅନେକ ଲୋକ ଜେନେରାଲ ଟିକେଟ କାଟି ଟ୍ରେନରେ ଯାତ୍ରା କରନ୍ତି । ଭାରତୀୟ ରେଳବାଇ ୟୁଟିଏସ ଆପ୍ ଆରମ୍ଭ କରିଛି, ଯାହା ସାହାଯ୍ୟରେ ଲୋକମାନେ ଏଣିକି ଘରେ ବସି ଜେନେରାଲ ଟିକେଟ୍ ବୁକ୍ କରିପାରିବେ । ସର୍ବପ୍ରଥମେ ପ୍ଲେ ଷ୍ଟୋରରୁ ୟୁଟିଏସ ଆପ୍ ଇନଷ୍ଟଲ କରିବା ସହ ତଥ୍ୟ ପଞ୍ଜିକରଣ କରିବା ପରେ ୟୁଟିଏସ ଆପରେ ଲଗ୍‌ଇନ୍ କରିବା ମାତ୍ରେ ଜେନେରାଲ ଟିକେଟ୍ ବିକଳ୍ପ ଆସିବ । ଏହା ପରେ ନିଜର କିଛି ବିବରଣୀ ପ୍ରଦାନ ସହ ସବିଶେଷ ତଥ୍ୟ ପୁରଣ କରିବା ପରେ, କ୍ଲିକ୍ କଲେ ଏବଂ ଦେୟ ପୈଠ କଲା ପରେ ଜେନେରାଲ ଟିକେଟ ପାଇଯିବେ ।


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


## ନିର୍ବାଚନ ଇତିହାସ ସୃଷ୍ଟି କଲା ସ୍ୱାଭିମାନ ଅଞ୍ଚଳ

- ୨୦୧୯ରେ ୨୬ ପ୍ରତିଶତ, ୨୦୨୪ରେ ୭୧% ଭୋଟିଂ
- ୨୦୧୯ରେ ୧୨ଟି ବୁଥ୍‌ରେ ଭୋଟିଂ ହୋଇନଥିଲା



**ମାଲକାନଗିରି, ୧୫/୦୫**
**ନ୍ୟୁଜ ବ୍ୟୁରୋ**

ମାଲକାନଗିରି ଜିଲ୍ଲାରେ ଶାନ୍ତିଶୃଙ୍ଖଳାରେ ନିର୍ବାଚନ ଶେଷ ହୋଇଛି । ଚଳିତ ନିର୍ବାଚନରେ ନକ୍ସଲ ନା ପୋଷ୍ଟର ମାରିପାରିଲେ ନା କୌଣସି ଅଘଟଣ ଘଟାଇବାରେ ସଫଳ ହୋଇପାରିଲେ । ଏଥିପାଇଁ ଜିଲ୍ଲା ପୁଲିସ, ବିଏସଏଫ ଏବଂ ଜିଲ୍ଲା ପ୍ରଶାସନର ଅଗାଡ଼ ପରିଶ୍ରମ ରହିଛି । ସୁରକ୍ଷାକର୍ମୀ ଦିନରାତି ଏକକରି ସାରା ଜିଲ୍ଲାକୁ ଜଗି ରହିଥିଲେ । ନକ୍ସଲଙ୍କୁ ଜିଲ୍ଲା ଭିତରକୁ ପଶିବାକୁ ଦେଇନଥିଲେ । ଫଳରେ ନର୍ବାଚନ ସୁରୁଖୁରୁରେ ସମାପ୍ତ ହୋଇପାରିଲା ।
ଚଳିତ ନିର୍ବାଚନ କିନ୍ତୁ ସ୍ୱାଭିମାନ ଅଞ୍ଚଳ ପାଇଁ ଇତିହାସ ସୃଷ୍ଟି କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଗତ ୨୦୧୯ ସାଧାରଣ ନିର୍ବାଚନ ଓ ୨୦୨୪ ନିର୍ବାଚନ ମଧ୍ୟରେ ବହୁତ ଫରକ ରହିଛି । ୨୦୧୯ ନିର୍ବାଚନରେ ୨୬ ପ୍ରତିଶତ ଭୋଟିଂ ହୋଇଥିବା ବେଳେ ୨୦୨୪ ନିର୍ବାଚନରେ ୭୧ ପ୍ରତିଶତ ଭୋଟିଂ ହୋଇଥିଲା, ଯାହାର ଶ୍ରେୟ ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନକୁ ଯିବ । ଲଗାତାର ସ୍ୱାଭିମାନ ଅଞ୍ଚଳ ଗସ୍ତ କରି ଲୋକଙ୍କୁ ସଚେତନ କରାଇବା ସହ ସମସ୍ତ ୨୩ଟି ଯାକ ବୁଥ୍‌ରେ ଯେପରି ଲୋକେ ପ୍ରବଳ ସଂଖ୍ୟାରେ ଉପସ୍ଥିତ ହୋଇ ଭୋଟ ଦେବେ ସେଥିପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା ।
ପ୍ରକାଶ ଥାଉକି ସ୍ୱାଭିମାନ ଅଞ୍ଚଳରେ ରହିଥିବା ୨୩ଟି ବୁଥ୍‌ରେ ମୋଟ ୧୯,୫୭୭ ଜଣ ଭୋଟର ରହିଛନ୍ତି । ସ୍ୱାଭିମାନ ଅଞ୍ଚଳର ୯ଟି ପଞ୍ଚାୟତର ବୁଥ୍‌ଗୁଡ଼ିକ ମଧ୍ୟରୁ ଯନ୍ତ୍ରୀରେ ୨ଟି ବୁଥ୍, ଅଣ୍ଡ୍ରାପାଲୀରେ ଗୋଟିଏ, ପଣସପୁଟରେ ୪ଟି, ଧୂଳିପୁଟରେ ୬ଟି, ବଡ଼ପଡ଼ାରେ ୨ଟି, ଗାଜଲମାମୁଡ଼ିରେ ୨ଟି, ଯଡ଼ାମ୍ବରେ ୨ଟି ଏବଂ ରାଲଗେଡ଼ାରେ ୨ଟି ବୁଥ୍ କରାଯାଇଥିଲା । ୨୦୨୪ ନିର୍ବାଚନରେ ୧୯,୫୭୭ ଭୋଟରମାନଙ୍କ ମଧ୍ୟରୁ ୧୩,୯୧୩ ଜଣ ଭୋଟର ମତଦାନ କରିଛନ୍ତି । ଅର୍ଥାତ ୭୧ ପ୍ରତିଶତ ଭୋଟିଂ ହୋଇଛି । କିନ୍ତୁ ଗତ (ପୃଷ୍ଠା ୭ରେ)

## ୩ ଦିନ ରାଜ୍ୟରେ ବିକ୍ଷିପ୍ତ ବର୍ଷା, ପୁଣି ବଢ଼ିବ ତାତି




**ଭୁବନେଶ୍ୱର, ୧୫/୦୫**
**ନ୍ୟୁଜ ବ୍ୟୁରୋ**

ଆଗାମୀ ୩ ଦିନ ଧରି ରାଜ୍ୟରେ ବିକ୍ଷିପ୍ତ ବର୍ଷା ଜାରି ରହିବ । ବୁଧବାର ଏବଂ ଗୁରୁବାର ଉପକୂଳ ଓଡ଼ିଶା, ଦକ୍ଷିଣ ଆଭ୍ୟନ୍ତରୀଣ କିଛି ଜିଲ୍ଲା ମୟୂରଭଞ୍ଜ, କେଉଁଝର, ଢେଙ୍କାନାଳରେ ବିଜୁଳି ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି । ଏହା ସହ ରାଜ୍ୟକୁ ପୁଣି ଫେରିବ ଗ୍ରୀଷ୍ମପ୍ରବାହ । ଏନେଇ ସୂଚନା ଦେଇଛନ୍ତି ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି । ସେ କହିଛନ୍ତି, ୧୮ ଏବଂ ୧୯ ତାରିଖରେ କିଛି ସ୍ଥାନରେ ଯେପରିକି ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ଗ୍ରୀଷ୍ମପ୍ରବାହ ଅନୁଭୂତ ହେବ । ୧୮ ତାରିଖରେ ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ନୂଆପଡ଼ା ଆଦି ସ୍ଥାନରେ ଗ୍ରୀଷ୍ମପ୍ରବାହ ରହିପାରେ । ୧୯ରେ ଏହି ଜିଲ୍ଲାଗୁଡ଼ିକ ସହ ବୌଦ୍ଧ ଏବଂ ସୋନପୁରରେ ଗ୍ରୀଷ୍ମପ୍ରବାହ ହେବାର ସମ୍ଭାବନା ରହିଛି । ଟୁଇନ୍ ସିଟି କଟକ ଓ ଭୁବନେଶ୍ୱରରେ ତାପମାତ୍ରା ୩୭ରୁ ୩୮ ହେବାର ସମ୍ଭାବନା ଥିବା ବେଳେ ଅପରାହ୍ନରେ ବର୍ଷା ହୋଇପାରେ ।
ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ଆହୁରି କହିଛନ୍ତି, ୨ୟ ପର୍ଯ୍ୟାୟ ନିର୍ବାଚନରେ ରହିବ ଗ୍ରୀଷ୍ମ ପ୍ରବାହର ପ୍ରଭାବ । ନିର୍ବାଚନ ହେବାକୁ ଥିବା କିଛି ଜିଲ୍ଲାରେ ରହିବ (ପୃଷ୍ଠା ୭ରେ)

## ଆମ ପାଖରେ ଓଡ଼ିଶା ପାଇଁ ନେତୃତ୍ୱ ସଙ୍କଟ ନାହିଁ: ଅମିତ ଶାହ

**ଭୁବନେଶ୍ୱର, ୧୫/୦୫**
**ନ୍ୟୁଜ ବ୍ୟୁରୋ**

ଆମ ପାଖରେ ଓଡ଼ିଶାର ନେତୃତ୍ୱ ନେବା ପାଇଁ ସଂକଟ ନାହିଁ । ଓଡ଼ିଶା ଗସ୍ତରେ ବୁଧବାର ଆସିଥିବା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏପରି କହିଛନ୍ତି । ସେ ଆହୁରି କହିଛନ୍ତି, ଓଡ଼ିଶାରେ ବିକାଶ ହୋଇନି । ନବୀନ ପଟ୍ଟନାୟକଙ୍କୁ ଏହା ସ୍ୱୀକାର କରିବାକୁ ପଡ଼ିବ । ସ୍ଥିର ସରକାର ଥିବା ଅନ୍ୟ ରାଜ୍ୟ ଭଳି ଓଡ଼ିଶାରେ ବିକାଶ ହୋଇନି । ସ୍ଥିର ସରକାର ସତ୍ତ୍ୱେ ବିକାଶ ହୋଇନଥିବାରୁ ଲୋକେ ପରିବର୍ତ୍ତନ ଚାହୁଁଛନ୍ତି । ଓଡ଼ିଶା ପାଇଁ ଆମ ପାଖରେ ଭଲ ଓ ଦକ୍ଷ ନେତୃତ୍ୱ ରହିଛନ୍ତି । ଆମ ପାଖରେ ଅନେକ ସକ୍ଷମ ଓ ଅନୁଭବୀ ଲୋକ ଅଛନ୍ତି । ତାଙ୍କ ପାର୍ଟିରୁ ମଧ୍ୟ ଅନେକ ଦକ୍ଷ ନେତା ଆମ ଦଳକୁ ଆସିଛନ୍ତି । ତେଣୁ ଆମ ପାଖରେ ଓଡ଼ିଶା ବିଜେପି ପାଇଁ ନେତୃତ୍ୱ ସଂକଟ ନାହିଁ ବୋଲି ଅମିତ ଶାହ କହିଛନ୍ତି । ଏଥର ଓଡ଼ିଶାରେ ନିଶ୍ଚିତ ଭାବେ ବିଜେପି ସରକାର ହେବ । ନିଶ୍ଚିତ ଭାବେ ବିଜେପି ମୁଖ୍ୟମନ୍ତ୍ରୀ ଶପଥ ନେବେ ବୋଲି ଶାହ କହିଛନ୍ତି । ଶ୍ରୀମନ୍ଦିର ପ୍ରସଙ୍ଗରେ ଅମିତ ଶାହ କହିଛନ୍ତି, ବିଜେପି ସରକାର ଆସିବା କ୍ଷଣି ଶ୍ରୀମନ୍ଦିର ୪ ଦ୍ୱାର ଖୋଲାଯିବ । (ପୃଷ୍ଠା ୭ରେ)

## ଏକାଳ ପକାଳ



ଟାଣୁଆ ନେତା ବୁଲନ୍ତି ମୈଦାନେ
ଦେଖାନ୍ତି ନିଜର ବଳ
ଛାତି ବାଡ଼େଇ କହନ୍ତି ଏଥର
ଆସିଅଛି ଶୁଭ ବେଳ
ଧରି ଭୋଟ ଭିକ୍ଷା ଥାଳ
ସବୁ ଦଳଗୁଡ଼ା ହୁଅନ୍ତି ଏମିତି
ଲାଗୁଛି ପିମ୍ପୁଡ଼ି ମେଳ ।


## ନବୀନ ହାୱା ଦେଖି ବିରୋଧୀ ନେତାଏ ବିଚଳିତ



**ଭୁବନେଶ୍ୱର, ୧୫।୫**
**ନ୍ୟୁଜ୍ ବ୍ୟୁରୋ**

୨୦୨୪ ସାଧାରଣ ନିର୍ବାଚନ ଯୁଦ୍ଧରେ ଜିତିବା ପାଇଁ ସବୁ ଦଳ ଓ ନେତା ଖୁବ୍ ଜୋର୍‌ସୋର୍‌ରେ ଲାଗିପଡ଼ିଛନ୍ତି । ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଭୋଟ୍ ସରିଥିଲା ବେଳେ ଏବେ ପରବର୍ତ୍ତୀ ପର୍ଯ୍ୟାୟ ଲାଗି ନେତାମାନଙ୍କର ଜୋରଦାର ପ୍ରଚାର ଆରମ୍ଭ ହୋଇଯାଇଛି । ଭୋଟରଙ୍କ ମନ ଜିଣିବାକୁ ଜାତୀୟ ଦଳର ଅନେକ ବଡ଼ବଡ଼ ନେତା, କେନ୍ଦ୍ରମନ୍ତ୍ରୀ ଆସି ପ୍ରଚାର କରୁଥିବା ବେଳେ ଓଡ଼ିଶାରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକାକୀ ଦଳୀୟ ପ୍ରାର୍ଥୀଙ୍କ ପାଇଁ ବିଭିନ୍ନ ଅଞ୍ଚଳ ବୁଲି ପ୍ରଚାର କରୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହିତ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଧ୍ୟ ସବୁ ଅଞ୍ଚଳକୁ ଯାଉଛନ୍ତି । ବୁଧବାର ଗୋଟିଏ ଦିନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଉରକେଲା, ଦେବଗଡ଼, ଛେଣ୍ଡିପଦା, ଆଠମଲ୍ଲିକ ଆଦି ନିର୍ବାଚନମଣ୍ଡଳୀରେ ଆୟୋଜିତ ଜନସମାବେଶରେ ଯୋଗ ଦେଇ ଦଳୀୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ଲାଗି ଭୋଟ୍ ମାଗିଥିବା ବେଳେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ଗଞ୍ଜାମ ଜିଲ୍ଲାର ସୋରଡ଼ା ଓ ବୌଦ୍ଧରେ ଜନସମାବେଶରେ ଯୋଗଦେବା ସହ କଟକରେ ରୋଡ୍ ସୋ' କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି । ଅନ୍ୟ ପକ୍ଷରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ବୁଧବାର ଓଡ଼ିଶା ଗସ୍ତରେ ଆସି ବଲାଙ୍ଗୀରରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି । (ପୃଷ୍ଠା ୭ରେ)

## ବଙ୍ଗୋପସାଗରରେ ସୃଷ୍ଟି ଘୂର୍ଣ୍ଣିଝଡ, ମେ' ଶେଷ ଆଡକୁ ଲ୍ୟାଣ୍ଡଫଲ୍ କରିବ ବାତ୍ୟା



**ଦୀଘା, ୧୫/୦୫**

ଆସନ୍ତା ୨୦ରୁ ୨୫ ତାରିଖ ମଧ୍ୟରେ ବଙ୍ଗୋପସାଗରରେ ଗଭୀର ନିମ୍ନ ଚାପ ସୃଷ୍ଟି କରିପାରେ ରେମାଲ୍ ନାମକ ଘୂର୍ଣ୍ଣିଝଡ । ଯେଉଁଥିପାଇଁ ତତ୍ପର ପଶ୍ଚିମବଙ୍ଗର ଦୀଘା ସମୁଦ୍ର ପ୍ରଶାସନ । କାଳବୈଶାଖୀ ପ୍ରଭାବରେ ବର୍ଷା ଲାଗିରହିଥିବାରୁ ସପ୍ତାହେ ହେଲା ତାପମାତ୍ରା ସାମାନ୍ୟ ହ୍ରାସ ପାଇଥିଲା । ଆସନ୍ତା ଦୁଇ ଦିନ ମଧ୍ୟରେ କେତେକ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ବର୍ଷା ହୋଇପାରେ । ଅନ୍ୟପଟେ ପାଣିପାଗ ବିଭାଗ ଆକଳନ ଅନୁସାରେ ୨୦ରୁ ୨୫ ମଧ୍ୟରେ ବଙ୍ଗୋପ ସାଗରରେ ଗଭୀର ନିମ୍ନ ଚାପ୍ ସୃଷ୍ଟି କରୁଛି ଘୂର୍ଣ୍ଣିଝଡ । ଏହି ଘୂର୍ଣ୍ଣିଝଡ ନାମ ଦିଆ ଯାଇଛି ରେମାଲ୍ । ରେମାଲ୍ ଘୂର୍ଣ୍ଣିଝଡ ସୃଷ୍ଟିକୁ ନେଇ ଓଡ଼ିଶା ଓ ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳ ଦୀଘା ସମୁଦ୍ର ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଦୀଘା ପ୍ରଶାସନ ଓ ପୋଲିସ ଦୀଘା ସମୁଦ୍ର, ନିଉ ଦୀଘା ସମୁଦ୍ର, ଶଙ୍କରପୁର, ମୋହନା ସମୁଦ୍ର କୂଳ ଅଞ୍ଚଳକୁ ଖାସ ନଜରରେ ରଖିଛନ୍ତି । ଦୀଘା ସମୁଦ୍ରରେ ଢେଉ ଓ ଲହଡ଼ି ଉଚ୍ଚତା ବେଶୀ ହେଲେ ପର୍ଯ୍ୟଟକଙ୍କୁ ଦୀଘା ସମୁଦ୍ରରେ ସ୍ନାନ କରିବା ପାଇଁ ମଧ୍ୟ ବାରଣ କରାଯାଇ ପାରେ ବୋଲି ଦୀଘା ପ୍ରଶାସନ ସୂତ୍ରରୁ କୁହାଯାଇଛି । ଘୂର୍ଣ୍ଣିଝଡ ରେମାଲ୍ ଲ୍ୟାଣ୍ଡଫଲ ହେବ କି ନାହିଁ ତାହା ଏ ପର୍ଯ୍ୟନ୍ତ ପାଣିପାଗ ବିଭାଗ ଆକଳନ କରିନାହିଁ ।

ସମ୍ପାଦକୀୟ

30 YEARS
ସମ୍ବାଦ କଳିକା

# ୨୦୨୫ରେ ଜାପାନକୁ ଟପିବ ଭାରତ

ଭାରତର ଜି୨୦ ସେର୍ପା ଓ ନିତି ଆୟୋଗର ପୂର୍ବତନ ସିଇଓ ଅମିତାଭ କାନ୍ତ କହିଛନ୍ତି ଯେ ୨୦୨୫ରେ ଜାପାନକୁ ଅତିକ୍ରମ କରି ଭାରତ ବିଶ୍ୱର ଚତୁର୍ଥ ବଡ଼ ଅର୍ଥନୀତି ଭାବେ ଉଭା ହେବ। ବର୍ତ୍ତମାନ ଆମେରିକା, ଚୀନ୍, ଜର୍ମାନୀ ଓ ଜାପାନ ପଛକୁ ଭାରତ ପଞ୍ଚମ ବଡ଼ ଅର୍ଥନୀତି ହୋଇରହିଛି। ଦଶ ବର୍ଷ ପୂର୍ବେ ଭାରତ ବୃହତ ଅର୍ଥନୀତି ମଧ୍ୟରେ ଏକାଦଶତମ ସ୍ଥାନରେ ଥିଲେ। ଏହାପରେ କିନ୍ତୁ ସେଥିରେ ଦ୍ରୁତ ବୃଦ୍ଧି ଘଟିଛି। ଅର୍ଥନୀତିରେ ଅନେକ ସକାରାତ୍ମକ ପରିବର୍ତ୍ତନ ଦେଖିବାକୁ ମିଳିଛି। ବର୍ତ୍ତମାନ ଭାରତ ହେଉଛି ଏକ ୩.୭ ଟ୍ରିଲିଅନ ଡଲାର ଅର୍ଥନୀତି। ଅମିତାଭଙ୍କ ମତରେ ୨୦୧୫ରେ ଭାରତ ପାଞ୍ଚଟି ସଂଘର୍ଷ କରୁଥିବା ଅର୍ଥନୀତି ମଧ୍ୟରୁ ଅନ୍ୟତମ ଥିଲା। ବ୍ରାଜିଲ୍, ଇଣ୍ଡୋନେସିଆ, ଦକ୍ଷିଣ ଆଫ୍ରିକା ଓ ତୁର୍କୀ ସହ ଭାରତକୁ ସେହି ତାଲିକାରେ ମର୍ଗାନ୍ ଷ୍ଟାନ୍ଲିର ବିଶେଷଜ୍ଞମାନେ ସାମିଲ କରିଥିଲେ। ଏବେ ପଞ୍ଚମ ବୃହତ୍ତମ ଅର୍ଥନୀତି ଭାବେ ଉଭା ହୋଇଛି। ଏହା ପଛର କାରଣଗୁଡ଼ିକ ହେଉଛି ଜିଏସ୍ଟି ସଂଗ୍ରହରେ ରେକର୍ଡ, ଅଭିବୃଦ୍ଧି ୮%ରୁ ଅଧିକ ରହିବା, ୨୭ଟି ଦେଶ ସହ ଭାରତୀୟ ମୁଦ୍ରାରେ କାରବାର ଏବଂ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିବା। କେବଳ ସେତିକି ନୁହେଁ, ଇସ୍ପାତ, ସିମେଣ୍ଟ ଓ ଗାଡ଼ି ଉତ୍ପାଦନରେ ଦୁଇ ଗୁଣା ବୃଦ୍ଧି ହୋଇଥିଲା ବେଳେ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମିରେ ଭାରତ ବିଶ୍ୱର ଅଗ୍ରଣୀ ଦେଶ ଭାବେ ଉଭା ହୋଇଛି। ବିଶ୍ୱର ୪୬ ପ୍ରତିଶତ ଡିଜିଟାଲ୍ କାରବାର ଭାରତରେ ହେଉଛି। ଜନ ଧନ ଖାତାରେ ୨.୩୨ ଲକ୍ଷ କୋଟି ଟଙ୍କା ରହିଛି। ସେ କହିଛନ୍ତି ଯେ ୨୦୦୩-୪ରୁ ୨୦୧୩-୧୪ ମଧ୍ୟରେ ହାରାହାରି ମୁଦ୍ରାସ୍ଫୀତି ୮.୨ ପ୍ରତିଶତ ଥିବା ବେଳେ ୨୦୧୩-୧୪ରୁ ୨୦୨୨-୨୩ ମଧ୍ୟରେ ତାହା ୫%କୁ ହ୍ରାସ ପାଇଛି।

ନିକଟରେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ପ୍ରକାଶ କରିଥିବା ଏକ ରିପୋର୍ଟରେ ଆକଳନ କରିଛି ଯେ ଭାରତ ବିଶ୍ୱର ସବୁଠୁ ଦ୍ରୁତ ଗତିରେ ଆଗକୁ ବଢୁଥିବା ଅର୍ଥନୀତି ହୋଇରହିବ। ଏହା ଭାରତ ପାଇଁ ନିଜର ଅଭିବୃଦ୍ଧି ଆକଳନକୁ ୬.୫ ପ୍ରତିଶତରୁ ବଢ଼ାଇ ୬.୮ ପ୍ରତିଶତ କରିଛି। ୨୦୨୧-୨୨ରେ ଭାରତର ଅଭିବୃଦ୍ଧି ୮.୭ ପ୍ରତିଶତ ଥିବା ବେଳେ ୨୦୨୨-୨୩ରେ ୭.୨ ପ୍ରତିଶତ ରହିଛି। ଫଳରେ ବିଶ୍ୱ ଅର୍ଥନୀତି ପ୍ରତି ଭାରତର ଅବଦାନ ଆହୁରି ଦୃଢ଼ ହୋଇପାରିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗସ୍ବା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମ୍ମୁତେ ।'



ଶ୍ରୀ ଅଭିରାମ ସରସ୍ୱତୀ

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ୍ୱ ବ୍ୟ୍ୱ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ

ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁର୍ଗସ୍ୱା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ୱ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)



ଇଂ ଗୁରୁପ୍ରସାଦ ସରକାର
ମୋ : ୯୪୩୭୦୩୦୪୫୩

ଶ୍ରୀ ସତ୍ୟସାଇ ମହିମା-୨୬୦

# ବାବାଙ୍କ ଦ୍ୱାରା ପଥର ମିଶ୍ରିଖଣ୍ଡରେ ଓ ଫୁଲକଢ ହୀରାଖଣ୍ଡରେ ପରିଣତ

ଥରେ ବାବା ଶୀତ ଋତୁରେ ହାୱାର୍ଡ ମର୍ଫେଟ୍ ଓ ତାଙ୍କ ପତ୍ନୀ ଆଇରିସ୍‌ଙ୍କୁ ହ୍ୱାଇଟ୍ ଫିଲ୍ଡ ଗ୍ରୀଷ୍ମ ନିବାସରେ ଜୁନ୍‌ମାସ କଟେଇବା ପାଇଁ ଆମନ୍ତ୍ରଣ କଲେ। ସେତେବେଳେ ମରଫେଟ୍ ଦମ୍ପତି ମାଡ୍ରାଜରେ ଅବସ୍ଥାନ କରୁଥିଲେ। ଏସୁଖବରରେ ସେମାନେ ଆନନ୍ଦିତ ହୋଇ ଜୁନ୍ ମାସ ପ୍ରାରମ୍ଭରେ ଯାଇ ହ୍ୱାଇଟ୍ ଫିଲ୍‌ଡରେ ପହଞ୍ଚିଲେ। ସେତେବେଳେ ସିରିଡି ବାବାଙ୍କ ପୁରାତନ ଭକ୍ତ ଓ ପରେ ସତ୍ୟସାଇ ବାବାଙ୍କ ଭକ୍ତ ହୋଇ ଥିବା ବୃଦ୍ଧ ବ୍ୟକ୍ତି ଏମ୍‌ଏସ୍ ଦୀକ୍ଷିତ୍ ସେମାନଙ୍କୁ ସ୍ୱାଗତ କରି ଗୋଟିଏ କୋଠରୀରେ ବସେଇଲେ। ସେଠାରେ କିଛି ସମୟ ଅତିବାହିତ କଲାପରେ ଦୀକ୍ଷିତ୍ ମରଫଟ୍ ଦମ୍ପତିଙ୍କୁ ବୃକ୍ଷ ଶୋଭିତ ପ୍ରାନ୍ତର ମଧ୍ୟରେ ଏକ ଉଚ୍ଚତର ସମତଳ ସ୍ଥାନକୁ ଜାହାଜରେ ନେଇ ପହଞ୍ଚେଇଲେ। ଆଉ କିଛି ଭକ୍ତଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ସାଇବାବା ବସିଥିବାର ସେମାନେ ଦେଖିଲେ। ବାବା ସେମାନଙ୍କୁ ଦୂରରୁ ଦେଖି ଦୁଇ ହାତ ଉପରକୁ ଉଠାଇ ଆଶୀର୍ବାଦ ଓ ସ୍ୱାଗତ କଲେ। ଦିନେ ମଧ୍ୟାହ୍ନ ଭୋଜନ ପରେ ମରଫେଟ୍, ଦମ୍ପତି ନିଜ କୋଠରୀରେ ବିଶ୍ରାମ କରୁଥିବା ବେଳେ ଜଣେ କେହି କର୍କଶ ସ୍ୱରରେ ସେମାନଙ୍କୁ କହିଲା ' ଆପଣ ମାନେ ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇ ନାହାନ୍ତି ବାବା ଆଉ ୫ ମିନିଟ୍ ଭିତରେ ଏଠାରୁ ବାହାରି ଯିବେ। ମରଫେଟ୍ ଦମ୍ପତି ତରତର ହୋଇ ପ୍ରସ୍ତୁତ ହେଲା ବେଳକୁ ୩୦ ମିନିଟ୍ ହୋଇଗଲା। ସେମାନେ ଦେଖିଲେ ବାବା ଚାଲିଯାଇଛନ୍ତି, କିନ୍ତୁ ସେମାନଙ୍କ ପାଇଁ ଆଉ ଗୋଟିଏ କାର୍ ଛାଡି ଯାଇଛନ୍ତି। ସେହି କାର୍‌ରେ ମରଫେଟ୍ ଦମ୍ପତି ସହ ସେମାନଙ୍କର ପଥ ନିର୍ଦ୍ଦେଶକ ତଥା ରାସ୍ତା ଓ ଘର ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଭି ନିରା ରେଡି ଓ ଆଉ କିଛି ଭାଗ୍ୟବାନ ଭକ୍ତ ବସିଲେ। ସେମାନେ ଯାଇ ସମୁଦ୍ର ପତନ ଠାରୁ ୪୮୦୦ ଫୁଟ୍ ଉଚ୍ଚରେ ଏକ ଡାକବଙ୍ଗଳାରେ ପହଞ୍ଚିଲେ। ଏଠାରେ ଉଭୟ ଜଳଖିଆ ଓ ଭୋଜନ ବ୍ୟବସ୍ଥା କରାଯାଇଥିଲା। ସେଠାରୁ ଦିନେ ଅପରାହ୍ନରେ ସମସ୍ତେ କାର୍ ଯୋଗେ ବୁଲି ବାହାରିଲେ। ସେଠାର ଆଖ ପାଖରେ ବୁଲୁଥିବା ବେଳେ ବାବା ବାଟରୁ ଏକ ଭଙ୍ଗାପଥର ଗୋଟେଇ ଆଣିଥିଲେ। ତାକୁ ସେ ଧରି ଦୁଇଥର ଶୂନ୍ୟକୁ ଦୁଇଫୁଟ୍ ଉପରକୁ ଫିଙ୍ଗିଥିଲେ ଓ ପୁଣି ଧରି ପକେଇ ଆଉ ଥରେ ଫିଙ୍ଗିବାରୁ ତାହା ଗାଲିଚା ଉପରେ ପଡିଲ। ବାବା ତାକୁ ମରଫେଟ୍‌ଙ୍କ ଆଡକୁ ଠେଲିଦେଇ କହିଲେ''ଦେଖିଲ ଏହି ପଥରଟିକୁ ତୁମେ ଖାଇପାରିବ କି ?'' ମରଫେଟ୍ ଏଇ ପଥରଟିକୁ ପରୀକ୍ଷା କରିଦେଖିଲେ ଏହା ଲୁହାଠାରୁ ମଧ୍ୟ କଠିନ ଥିଲା। ତେଣୁ ସେ ବାବାଙ୍କୁ କହିଲେ, '' ନା ବାବା ଏଇଟା ମୋ ପାଇଁ ଅସମ୍ଭବ'' ବାବା ମରଫେଟ୍‌ଙ୍କ ପାଖରୁ ପଥରଟିକୁ ଫେରାଇ ନେଇ ତାକୁ ଆଉ ଥରେ ଉପରକୁ ଫିଙ୍ଗି ତାହା ଗାଲିଚା ଉପରେ ପଡିଲାରୁ ତାକୁ ମର୍‌ଫେଟ୍‌ଙ୍କ ପାଖକୁ ଠେଲି ଦେଇ କହିଲେ, ' ଦେଖିଲ ଏବେ ତୁମେ ଏହାକୁ ଖାଇ ପାରିବ କି ?'' ମରଫେଟ୍ ଲକ୍ଷ୍ୟ କଲେ ପଥରଟି ମିଶ୍ରି ଖଣ୍ଡରେ ପରିଣତ ହୋଇଛି। ବାବା ସେ ଖଣ୍ଡକୁ ଖଣ୍ଡେ ଖଣ୍ଡେ କରି ଭାଙ୍ଗି ସମସ୍ତଙ୍କୁ ଖଣ୍ଡିଏ ଖଣ୍ଡିଏ ଖାଇବାକୁ ଦେଲେ। ଏହାର ସ୍ୱାଦ ଥିଲା ମିଶ୍ରିପରି ମିଠା ଓ ରୁଚିକର। ମରଫେଟ୍ ଏଥିରୁ ଖଣ୍ଡିଏ ନିଜଜାମା ପକେଟ୍‌ରେ ରଖିଲେ। ଏକ ଉଜ୍ଜ୍ୱଳ ସକାଳରେ ମରଫେଟ୍ ସ୍ୱାମୀ ଓ ଆଉ ଦୁଇଟି ବାଳକଙ୍କ ସହିତ ଡାକ ବଙ୍ଗଳାର ବଗିଚାରେ ବୁଲୁଥିଲେ। ସେଠରେ ସେ ଗୋଟିଏ ବୁଦାରୁ କଢଟିଏ ତୋଳିଲେ। ସେ ମରଫେଟ୍‌ଙ୍କ ଆଡକୁ ଅନେଇ କହିଲେ ଏଇଟିକୁ ରଖିଥା। ତା'ପରେ ବାବା ହଠାତ୍ ସିଡିରେ ପ୍ରବେଶ ଦ୍ୱାର ଆଡକୁ ଫେରିଯାଇ ତାଙ୍କ ନିଜ କୋଠରୀକୁ ନଯାଇ ମରଫେଟ୍‌ଙ୍କ କୋଠରୀକୁ ଆସିଲେ। ବାବା ଗୋଟିଏ ଆରାମ ଚେୟାରରେ ବସିଲେ। ମରଫେଟ୍ ଦମ୍ପତି ତାଙ୍କ ସାମନାରେ ଗାଲିଚା ଉପରେ ବସିଲେ। ବାବା ମରଫେଟ୍‌ଙ୍କୁ ଯେଉଁ ଫୁଲ କଢିଟା ଦେଇଥିଲେ ତାହା ତାଙ୍କ ଠାରୁ ମାଗିନେଲେ। ଏହାକୁ କିଛି ସମୟ ପାଇଁ ନିଜ ଆଙ୍ଗୁଳିରେ ରଖି ଧରିଲେ ଓ ଏହା ବିଷୟରେ କିଛି ଆଲୋଚନା କଲେ । ବାବା ପଚାରିଲେ, ' ଏଇଟା କି ଫୁଲର କଢି ?' ମରଫେଟ୍ ଦମ୍ପତି ନିଜର ଅଜ୍ଞତା ପ୍ରକାଶ କଲାରୁ ବାବା କହିଲେ ଆମ ଜାମା ବୋତାମରେ ଲଗାଯାଉଥିବା ଏକ ପ୍ରକାର ଗୋଲାପ । ମରଫେଟ୍ ଦମ୍ପତି ଏଥିରେ ସହମତି ଜଣେଇଲେ। ବାବା ପଚାରିଲେ, ' ଏହା କଣ ହେବା ପାଇଁ ତୁମେ ଚାହୁଁଚ ?' ମରଫେଟ୍ ଦମ୍ପତି ଉତ୍ତର ଦେଲେ, ''ଆପଣଙ୍କର ଯାହା ଇଛା ତାହା କରନ୍ତୁ' ତାପରେ ମରଫେଟ୍ ଦମ୍ପତି ଦେଖିଲେ ବାବା ଉକ୍ତ କଢିଟିକୁ ତାଙ୍କ ହାତ ପାପୁଲିରେ ବନ୍ଦରଖି ପାପୁଲି ଭିତରକୁ ଫୁଙ୍କିଲେ ଓ ମରଫେଟ୍‌ଙ୍କୁ ହାତ ବଢେଇବା ପାଇଁ କହିଲେ। ବାବାଙ୍କ ବନ୍ଦ ପାପୁଲିରୁ ମରଫେଟ୍‌ଙ୍କ ଖୋଲା ପାପୁଲକୁ କାଢିଲା ମାତ୍ରକେ ସେମାନେ ଦେଖିଲେ ମରଫେଟ୍‌ଙ୍କ ଖୋଲା ପାପୁଲିରେ ଉଜ୍ଜ୍ୱଳ ହୀରା ଟିଏ ଝଟକୁଛି। ଏହାର ଆକାର ଥିଲା ଅବିକଳ ଉଭେଇ ଯାଉଥିବା କଢ ଭଳି। ବାବା ହୀରା ଖଣ୍ଡେ ମରଫେଟ୍ ଦମ୍ପତିଙ୍କୁ ଉପହାର ଦେଲେ। ପୂର୍ବୋକ୍ତ ମିଶ୍ରି ଖଣ୍ଡ ଓ ସେଇ ସମୟରେ ବାବାଙ୍କ ପ୍ରଦତ୍ତ ହୀରାଖଣ୍ଡ ମରଫେଟ୍ ଦମ୍ପତିଙ୍କ ସମ୍ପତ୍ତି ହୋଇ ରହିଲା। (କ୍ରମଶଃ)





ପ୍ରେମାନନ୍ଦ ପାଣିଗ୍ରାହୀ
ଭୁବନ, ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

# ସ୍ୱାଧୀନ ଭାରତର ପ୍ରଥମ ଲୋକସଭା ନିର୍ବାଚନ

ଭାରତ ହେଉଛି ଏକ ସାର୍ବଭୌମ୍ୟ, ସମାଜବାଦୀ ଓ ଧର୍ମ ନିରପେକ୍ଷ ସାଧାରଣତନ୍ତ୍ର ରାଷ୍ଟ୍ର । ଭାରତ ସମ୍ବିଧାନର ଗଣତନ୍ତ୍ର ହେଉଛି ଏକ ସାମାଜିକ ବୈଶିଷ୍ଟ୍ୟ । ସମ୍ବିଧାନ ଅନୁସାରେ ଗଣତନ୍ତ୍ରର ମୂଳତତ୍ତ୍ୱ ହେଉଛି ନିର୍ବାଚନ ଜରିଆରେ ଉଭୟ ସଂସଦ ଓ ରାଜ୍ୟ ବିଧାନସଭାରେ ଲୋକମାନଙ୍କର ପ୍ରତିନିଧିତ୍ୱକୁ ନିଶ୍ଚିତ କରିବା । ଭାରତର ସମ୍ବିଧାନ ଧାରା ୩୨୪ ଅନୁଯାୟୀ ଏକ ସ୍ୱାଧୀନ ନିର୍ବାଚନ କମିଶନ ଗଠନ କରାଯାଇଛି । ଯାହାକି ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ସଂସଦ ଓ ବିଧାନସଭା ସକାଶେ ପ୍ରତିନିଧିଙ୍କୁ ନିର୍ବାଚିତ କରିବା ପାଇଁ ଭୋଟର ତାଲିକା ପ୍ରସ୍ତୁତ କରିବା ସହ ନିର୍ବାଚନ ପରିଚାଳନା କରୁଛି । ଭାରତରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ନିର୍ବାଚନ ସକାଶେ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ଆଇନ-୧୯୫୨ କାର୍ଯ୍ୟକାରୀ ହେଉଛି । ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ନିୟମାବଳୀ-୧୯୭୪ ଦ୍ୱାରା ଉପରୋକ୍ତ ଆଇନକୁ ଅଧିକ କ୍ରିୟାଶୀଳ କରାଯାଇଛି । ଜନପ୍ରତିନିଧି ଆଇନ-୧୯୫୦ ଓ ଜନପ୍ରତିନିଧି ଆଇନ-୧୯୫୧ ଦ୍ୱାରା ସଂସଦ ଓ ରାଜ୍ୟ ବିଧାନସଭାଗୁଡିକ ସକାଶେ ନିର୍ବାଚନ ପରିଚାଳିତ ହେଉଛି । ଜନପ୍ରତିନିଧି ଆଇନ-୧୯୫୦ ମୁଖ୍ୟତଃ ନିର୍ବାଚନ ପ୍ରସ୍ତୁତି ଓ ଭୋଟର ତାଲିକା ସଂଶୋଧନ ଉପରେ ଗୁରୁତ୍ୱ ଦେଇଥାଏ । ଏହି କ୍ରମରେ ୧୯୫୧-୫୨ରୁ ୨୦୧୯ ପର୍ଯ୍ୟନ୍ତ ୧୭ଟି ଲୋକସଭା ନିର୍ବାଚନ ଭାରତବାସୀ ଦେଖିଛନ୍ତି ଓ ଅଷ୍ଟାଦଶ ଲୋକସଭା ପାଇଁ ନିର୍ବାଚନପ୍ରକ୍ରିୟା ଜାରୀ ରହିଛି । ଭାରତର ଏହି ଗଣତନ୍ତ୍ରର ମହାପର୍ବକୁକୁ ପ୍ରତ୍ୟକ୍ଷ ଭାବେ ଦେଖିବା ପାଇଁ ୨୩ ଦେଶର ୭୫ ପ୍ରତିନିଧି ଯୋଗ ଦେଇଛନ୍ତି ।

୧୯୪୭ ମସିହାରେ ଦେଶ ସ୍ୱାଧୀନତା ଲାଭ ପରେ ୧୯୫୦ ମସିହାରେ ଭାରତର ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା । ୧୯୫୧-୧୯୫୨ ମସିହାରେ ପ୍ରଥମଲୋକସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ସେତେବେଳେ ଦେଶରେ ତିନି ପ୍ରକାର ନିର୍ବାଚନ ମଣ୍ଡଳୀ ରହିଥିଲା । ପ୍ରଥମ ପର୍ଯ୍ୟାୟ ୩୫୪ଟି ନିର୍ବାଚନ ମଣ୍ଡଳୀ ଯାହା ଏକ ଆସନ ବିଶିଷ୍ଟ ଥିଲା । ସେହିପରି ୮୬ଟି ନିର୍ବାଚନ ମଣ୍ଡଳୀ ଯାହା ଦୁଇ ଆସନ ବିଶିଷ୍ଟ ଥିଲା ଓ ଗୋଟିଏ ନିର୍ବାଚନ ମଣ୍ଡଳୀ ତିନି ଆସନ ବିଶିଷ୍ଟ ଥିଲା । ସେତେବେଳେ ୪୪୧ ନିର୍ବାଚନ ମଣ୍ଡଳୀରେ ୪୮୯ଟି ଆସନ ରହିଥିଲା । ୧୯୫୧ ଅକ୍ଟୋବର ୧୫ ରୁ ୧୯୫୨ ମସିହା ଫେବୃଆରୀ ୨୧ ତାରିଖ ପର୍ଯ୍ୟନ୍ତ ଦୀର୍ଘ ଚାରି ମାସ ଧରି ୬୮ଟି ପର୍ଯ୍ୟାୟରେ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ହିମାଚଳପ୍ରଦେଶର ତିନି ଓ ପାଙ୍ଗୀ ବିଧାନସଭା ନିର୍ବାଚନ ମଣ୍ଡଳିରେ ଅନୁଷ୍ଠିତ ହୋଇଥିଲା ବେଳେ ଶେଷ ତଥା ୬୮ତମ ପର୍ଯ୍ୟାୟ ଭୋଟ ଗ୍ରହଣ ଉତ୍ତରପ୍ରଦେଶରେ ଅନୁଷ୍ଠିତ ହୋଇଥିଲା । ମୋଟ ୪୮୯ଟି ଆସନ ପାଇଁ ଏହି ନିର୍ବାଚନ ହୋଇଥିଲା । ୧୯୪୯ ଜଣ ପ୍ରାର୍ଥୀ ଏହି ନିର୍ବାଚନରେ ଅଂଶ ଗ୍ରହଣ କରିଥିଲେ । ସ୍ୱାଧୀନ ଭାରତର ଏହି ପ୍ରଥମ ନିର୍ବାଚନରେ ୧୭ କୋଟି ୩୨ ଲକ୍ଷ ୧୨ ହଜାର ୩୪୩ ଜଣ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବାକୁ ଥିବା ବେଳେ ସେଥି ମଧ୍ୟରୁ ୧୦କୋଟି ୫୯ଲକ୍ଷ ୫୦ ହଜାର ୮୩ ଜଣ ମତ ସାବ୍ୟସ୍ତ କରିଥିଲେ । । ଭାରତର ନାଗରିକତା ହେବା ପାଇଁ ସେତେବେଳେ ସର୍ବନିମ୍ନ ବୟସ ୨୧ ରଖାଯାଇଥିଲା । ସେତେବେଳେ ଦେଶରେ ୧୬ ପ୍ରତିଶତ ଲୋକ ସାକ୍ଷର ଥିଲେ । ତେଣୁ ନିରକ୍ଷର ଭୋଟର କିପରି ସହଜରେ ମତ ସାବ୍ୟସ୍ତ କରିପାରିବେ ଏହାକୁ ଦୃଷ୍ଟିରେ ରଖି ଦେଶର ପ୍ରଥମ ନିର୍ବାଚନ କମିଶନ ଭୋଟ ଦେବା ଲାଗି ପ୍ରତ୍ୟେକ ପ୍ରାର୍ଥୀଙ୍କ ନିମନ୍ତେ ଭିନ୍ନଭିନ୍ନ ରଙ୍ଗର ବାଲାଟ ବାକ୍ସ ବ୍ୟବସ୍ଥା କରିଥିଲେ । ପୃଥକ ପୃଥକ ବାକ୍ସ ଉପରେ ପ୍ରାର୍ଥୀମାନଙ୍କ ନାମ ଓ ସେମାନଙ୍କୁ ଦିଆଯାଇଥିବା ଚିହ୍ନ ରହିଥିଲା । ଭୋଟିଂ କମ୍ପାର୍ଟମେଣ୍ଟରେ ଜଣେ ଭୋଟର ନିଜ ମନ ପସନ୍ଦର ପ୍ରାର୍ଥୀଙ୍କ ପାଇଁ ରଖାଯାଇଥିବା ବାକ୍ସରେ କେବଳ ବାଲାଟ ପେପରଟିକୁ ଗଳାଇ ଦେଉଥିଲେ । ଏହି ବାଲାଟ ପେପର ନିର୍ବାଚନ କମିଶନଙ୍କ ଦ୍ୱାରା ନାସିକ ସ୍ଥିତ ସିକ୍ୟୁରିଟି ପ୍ରେସ୍‌ରେ ଛପା ଯାଇଥିଲା,ଯେଉଁଠାରେକି ଦେଶର ଟଙ୍କା ଛପା କାର୍ଯ୍ୟ କରାଯାଉଥିଲା । ପ୍ରଥମ ସାଧାରଣ ନିର୍ବାଚନରେ ୧ ଲକ୍ଷ ୯୬ ହଜାର ୮୪ଟି ବୁଥ ସ୍ଥାପନ କରାଯାଇଥିଲା । ସେଥି ମଧ୍ୟରୁ ୨୭ ହଜାର ୫୨୭ଟି ବୁଥ କେବଳ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିଲା । ଏହି ପ୍ରଥମ ନିର୍ବାଚନରେ ମତଦାନ ହାର ଥିଲା ୪୫.୭ ପ୍ରତିଶତ । ଲୋକସଭା ନିର୍ବାଚନ ପରିଚାଳନା ପାଇଁ ମୁଖ୍ୟତଃ କେନ୍ଦ୍ର ସରକାର ସମସ୍ତ ଅର୍ଥ ବ୍ୟୟ କରନ୍ତି । ତେଣୁ ଦେଶର ଏହି ପ୍ରଥମ ଲୋକସଭା ନିର୍ବାଚନରେ ବ୍ୟୟ ଥିଲା ୧୦.୪୫ କୋଟି । ପ୍ରଥମ ନିର୍ବାଚନରେ ଭାଗ ନେଇଥିବା ରାଜନୈତିକ ଦଳଗୁଡିକର ସଂଖ୍ୟା ୫୩ ଥିବା ବେଳେ ସେଥିରେ ଜାତୀୟ ଦଳ ସଂଖ୍ୟା ଥିଲା ୧୪ । ଏହି ନିର୍ବାଚନରେ ଭାରତୀୟ ଜାତୀୟ କଂଗ୍ରେସକୁ ୩୬୪ଟି ଆସନ ମିଳିଥିଲା । ସି.ପି.ଆଇ ୧୬,ସମାଜବାଦୀ ଦଳ ୧୨,ପ୍ରଜା ସମାଜବାଦୀ ଦଳ ୯ ଓ ଭାରତୀୟ ଜନସଂଘର ୩ ଜଣ ସଦସ୍ୟ ନିର୍ବାଚିତ ହୋଇଥିଲେ । ଏମାନଙ୍କ ମଧ୍ୟରୁ ମହିଳା ସାଂସଦ ଥିଲେ ୨୨ । ଯାହାକି ମୋଟ ସଦସ୍ୟ ସଂଖ୍ୟାର ୫ ପ୍ରତିଶତ ଥିଲା । ସେତେବେଳେ ପ୍ରମୁଖ ସାଂସଦଙ୍କ ମଧ୍ୟରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ,ବାବା ସାହେବ ଆମ୍ବେଦକର,ଗୁଲଜାରୀଲାଲ ନନ୍ଦା, ଲାଲ୍ ବାହାଦୂର ଶାସ୍ତ୍ରୀ, ମୋରାରଜୀ ଦେଶାଇ ପ୍ରମୁଖ ନିର୍ବାଚିତ ହୋଇଥିଲେ । ଏହାଛଡା ୪୭ ନିର୍ଦ୍ଦଳୀୟ ପ୍ରାର୍ଥୀ ୩୮ଟି ଆସନ ପାଇଁ ଲଢେଇ କରିଥିବା ବେଳେ ୧୦ଟି ଆସନରେ କୌଣସି ପ୍ରତିଦ୍ୱନ୍ଦିତା ହୋଇନଥିଲା । ସେତେବେଳେ ୨ଟି ଲୋକସଭା ଆସନ ଅଣଭାରତୀୟମାନଙ୍କ ପାଇଁ ସଂରକ୍ଷିତ ରହିଥିଲା । ସାଂସଦମାନଙ୍କ ମଧ୍ୟରୁ ୨୩ ପ୍ରତିଶତ ଅଣ୍ଡର ମାଟ୍ରିକ ଥିଲେ । ସାଂସଦଙ୍କ ମଧ୍ୟରୁ କାହାର ବୟସ ୭୦ ବର୍ଷରୁ ଅଧିକ ନଥିଲା । ୨୦ ପ୍ରତିଶତ ସାଂସଦଙ୍କ ବୟସ ୫୬ ବର୍ଷ ରହିଥିଲା । ଜବାହାରଲାଲ ନେହେରୁ ସମସ୍ତଙ୍କ ସମର୍ଥନରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ରୂପେ ୧୫ ଜଣ ସାଂସଦଙ୍କୁ ନେଇ ମନ୍ତ୍ରୀମଣ୍ଡଳ ଗଠନ କରିଥିଲେ । ୧୯୫୨ ମସିହା ଅପ୍ରେଲ ୧୭ ତାରିଖରୁ ୧୯୫୭ ମସିହା ଅପ୍ରେଲ ୪ ତାରିଖ ପର୍ଯ୍ୟନ୍ତ ଏହି ସରକାର କାର୍ଯ୍ୟ କରିଥିଲା । ୧୯୫୨ ମେ ମାସ ୧୩ ତାରିଖରେ ସଂସଦର ପ୍ରଥମ ଅଧିବେଶନ ବସିଥିଲା । ସେତେବେଳେ ବିରୋଧୀ ଦଳର ନେତା ବାଛିବାର ପରମ୍ପରା ନଥିଲା । ବିରୋଧୀ ସାଂସଦମାନେ ସାମୁହିକ ଭାବରେ ସେମାନଙ୍କ କାର୍ଯ୍ୟ ପ୍ରତିପାଦିତ କରୁଥିଲେ । ପ୍ରଥମ ଲୋକସଭାର ବାର୍ଷିକ କାର୍ଯ୍ୟ ଦିବସ ସଂଖ୍ୟା ୧୨୭ ଦିନ ଥିଲା । ତେବେ ନେହେରୁଙ୍କ ମନ୍ତ୍ରୀମଣ୍ଡଳରେ ଶିଳ୍ପ ମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ଶ୍ୟାମା ପ୍ରସାଦ ମୁଖାର୍ଜୀ ପରବର୍ତ୍ତୀ ସମୟରେ ମନ୍ତ୍ରୀ ମଣ୍ଡଳରୁ ବାହାରି ଯାଇ ଭାରତୀୟ ଜନ ସଂଘ ଦଳ ଗଠନ କରିଥିଲେ, ଯାହାକି ପରେ ଅନ୍ୟାନ୍ୟ ଦଳ ସହ ମିଶି ଏହା ଭାରତୀୟ ଜନତା ଦଳ ରୂପେ ଉଭା ହୋଇଥିଲା ।



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ଼,କୁଜଙ୍ଗ
ଜଗତସିଂହପୁର
ମୋ-୯୯୩୭୬୯୧୪୭୫.

# ଓଡ଼ିଶାର ଗର୍ବ ସ୍ଥାପତ୍ୟ ଶିଳ୍ପୀ-ରଘୁନାଥ ମହାପାତ୍ର

ମଣିଷ ମାନଙ୍କ ଦ୍ୱାରା ଦେଶ ଜାତି ରାଷ୍ଟ୍ର ଓ ସମାଜ ଗଢ଼ା ଯାଇଛି । ପ୍ରତ୍ୟେକ ସମାଜର ଦୁଇଟି ଆଖି ଥାଏ, ତାହା ହେଉଛି ସଭ୍ୟତା ଓ ସଂସ୍କୃତି । ସଂସ୍କୃତି ହେଉଛି ସମାଜର ଦେବତା ସଭ୍ୟତା ତାର ବାହନ । ମଣିଷର ସଂସ୍କୃତି ସଂକୀର୍ଣ୍ଣ ହେଲେ ତାର ସଭ୍ୟତା ବିପଦରେ ପଡ଼ିଥାଏ । ଆମ ଓଡ଼ିଶା ହେଉଛି ସାହିତ୍ୟ କଳା, ଭାସ୍କର୍ଯ୍ୟ ଓ ସଂସ୍କୃତି ସଭ୍ୟତାର ଦେଶ । ଯେଉଁଠି ଶିଳାରେ ସୌରଭ ଭରି ନିହାଣ ମୁନରେ ନିର୍ଜୀବ ପାଷଣକୁ ଜୀବନ୍ୟାସ ଦେଇ କୀର୍ତ୍ତିମାନ ସ୍ଥାପନ କରନ୍ତି ଶିଳ୍ପୀ, ସେହି ଦେଶରେ ଏକ ସାଧାରଣ ପରିବାରରେ ୧୯୪୩ ମସିହା ମାର୍ଚ୍ଚ ୨୩ ତାରିଖରେ ପୁରୀ ହରଚଣ୍ଡିସାହିର ପଥୁରିଆ ସାହିରେ ଜନ୍ମ ଗ୍ରହଣ କରିଥିଲେ ସାଂସଦ ପଦ୍ମ ବିଭୂଷଣ ଡ଼. ରଘୁନାଥ ମହାପାତ୍ର , ପିତା- ଦାମୋଦର ମହାପାତ୍ର ଓ ମା ସୁକାନ୍ତି ଦେବୀଙ୍କ କୋଳମଣ୍ଡନ କରି । ରଘୁନାଥଙ୍କୁ ଯେତେବେଳେ ୫ ବର୍ଷ ସେତେବେଳେ ତାଙ୍କୁ ଜ୍ୱର ହୋଇଥିଲା । କୌଣସି ଔଷଧ କାର୍ଯ୍ୟ କଲା ନାହିଁ । ଡାକ୍ତର କହିଲେ ଅଳ୍ପ ସମୟରେ ପିଲାଟି ମରିଯିବ । ପିତା ମାତା ମା ଦୂରଚଣ୍ଡୀଙ୍କ ଆଶ୍ରୟ ନେବାରୁ ସେ ଭଲ ହୋଇଗଲେ । ସେହି ଦିନ ଠାରୁ ରଘୁନାଥ ମା'ଙ୍କ ଭକ୍ତ ପାଲିଟି ଗଲେ । ଘରଦ୍ୱାର ଛାଡ଼ି ସେ ମା'ଙ୍କୁ ଖୋଜିବା ପାଇଁ ବଣ ଜଙ୍ଗଲରେ ଅଖିଆ ଅପିଆ ବୁଲିଲେ । ସେ ଜଣେ ସାଧୁଙ୍କ ସାନ୍ନିଧ୍ୟ ପାଇଁ ରାମେଶ୍ୱର ଠାରେ ସାଧାନାରେ ବୁଡି ରହିଲେ । ଶେଷରେ ସେ ଶିବଙ୍କର ଆଶୀର୍ବାଦ ପ୍ରାପ୍ତ ହେଲେ ଓ ଦୁଇବର୍ଷ ପରେ ସେ ଘରକୁ ଫେରି ଜଗନ୍ନାଥଙ୍କ ଭାବଭକ୍ତିର ଆଶ୍ରୟ ନେଇ ନିଜ କାର୍ଯ୍ୟରେ ଲାଗି ପଡ଼ିଲେ । ସେ ଛୋଟ ବେଳୁ ଅଜା ଅପର୍ତ୍ତି ମହାପାତ୍ରଙ୍କ ଠାରୁ ମୂର୍ତ୍ତି ଗଢ଼ିବା ଶିକ୍ଷା ଲାଭ କରିଥିଲେ । ରଘୁନାଥ ପୁରୀ ବଡ଼ଦାଣ୍ଡରେ ଥିବା ବିଭିନ୍ନ ଦୋକାନରେ ମୂର୍ତ୍ତି ବିକିବା ପାଇଁ ଦିଅନ୍ତି ଆଉ କିଛି ମୂର୍ତ୍ତି ସମୁଦ୍ର କୂଳରେ ବିକ୍ରି କରି ସଂନ୍ଧ୍ୟା ବେଳକୁ ଦୋକାନିଙ୍କ ଠାରୁ ପଇସା ଆଦାୟ କରି ଘରକୁ ଫେରନ୍ତି । ଏହାଥିଲା ତାଙ୍କର ନିତିଦିନିଆ ବେଉସା । ଦିନେ ମୂର୍ତ୍ତି ଗଢ଼ିବା ସମୟରେ ପଥୁରିଆ ସାହିକୁ ଓଡ଼ିଶା ଓ କଲିକତାର ଡିଜାଇନ୍ ସେନ୍ଟରର ଦୁଇ ନିର୍ଦ୍ଦେଶକ ଆସିଥିଲେ । ସେମାନେ ରଘୁନାଥଙ୍କ କାର୍ଯ୍ୟ ଦେଖି ଖୁସି ହୋଇ ତାଙ୍କୁ ଆତ୍ମନିଯୁକ୍ତି ଦେବାକୁ ପ୍ରସ୍ତାବ ଦେଇଥିଲେ । କାଳବିଳମ୍ବ ନ କରି ରଘୁନାଥ ଭୁବନେଶ୍ୱର ଠାରେ ଥିବା ହ୍ୟାଣ୍ଡିକ୍ରାଫ୍ଟ ଡ଼ିଜାଇନ ଆଣ୍ଡ ଟ୍ରେନିଂ ସେଣ୍ଟରରେ ଚାକିରିରେ ଯୋଗ ଦେଲେ। ଏଠାରେ କାର୍ଯ୍ୟ କରିବା ସମୟରେ କାରିଗର ଜୀବନର ଏକ ପରିବର୍ତ୍ତନ ଆସିଲା । ସେ ସର୍ବଭାରତୀୟ ହସ୍ତଶିଳ୍ପ ବୋର୍ଡ଼ ପକ୍ଷରୁ ହେଉଥିବା ପ୍ରତିଯୋଗିତାରେ ଭାଗ ନେଲେ । ସେ କୋଣାର୍କ ଘୋଡ଼ା ତିଆରି କରି ପ୍ରତିଯୋଗିତାକୁ ପଠାଇଥିଲେ । ଏହି ପ୍ରତିଯୋଗିତାରୁ ସେ ପ୍ରଥମ କରି ଜାତୀୟ ସୀକୃତି ପାଇ ରାଷ୍ଟ୍ରପତି ଡଃ ଭି.ଭି.ଗିରିଙ୍କ ଠାରୁ ପୁରସ୍କୃତ ହୋଇଥିଲେ ।

ଜାପାନର ଫୁଜି ଗୁରୁଜୀଙ୍କ ଦିଗଦର୍ଶନରେ ରଘୁନାଥ ମହାପାତ୍ର ଧଉଳି ଠାରେ ୧୮ ଫୁଟର ବୁଦ୍ଧ ମୂର୍ତ୍ତି ନିର୍ମାଣ କରି ସମସ୍ତଙ୍କୁ ବିସ୍ମିତ କରିଥିଲେ। ଫୁଜି ଗୁରୁଜୀ ତାଙ୍କର ନିର୍ମାଣ ଶୈଳୀ ଦେଖି ଜାପାନ ଯିବାକୁ ତାଙ୍କୁ ପ୍ରସ୍ତାବ ଦେଇଥିଲେ । କିନ୍ତୁ ତାଙ୍କ ପ୍ରସ୍ତାବ ରଘୁନାଥ ପ୍ରତ୍ୟାଖାନ କରିଥିଲେ । ଶ୍ରୀ ଜଗନ୍ନାଥଙ୍କର ପରମ ଭକ୍ତ ଭାବେ ଜଣାଶୁଣା ରଘୁନାଥ ଶିଳ୍ପୀ ଗୁରୁ କଳା ଜଗତରେ ଗୋଟିଏ ପରେ ଗୋଟିଏ ଅନନ୍ୟ କଳାର ସୃଷ୍ଟି କରି ଦେଶ ବିଦେଶରେ ପରିଚିତ ହୋଇଥିଲେ । ତାଙ୍କର କଳାକୃତି ଗୁଡ଼ିକ ମଧ୍ୟରେ - ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକରେ କୋଣାର୍କ ଘୋଡ଼ା, କଟକ ବାରବାଟି ଷ୍ଟାଡ଼ିୟମ୍‌ରେ କୋଣାର୍କ ଘୋଡ଼ା, ଭୁବନେଶ୍ୱର ଏୟାର ପୋର୍ଟରେ ୧୬ ଟି କୋଣାର୍କ ଚକ୍ର, ଟିଟିଲାଗଡ଼ରେ ୭୦ ଫୁଟ ଉଚ୍ଚତାର ୩ ଟି ମନ୍ଦିର, ଗଞ୍ଜାମର ନୂତନ ତାରାତାରିଣୀ ମନ୍ଦିର, ବାଲେଶ୍ୱର ଇମାମି ଜଗନ୍ନାଥ ମନ୍ଦିର, ଧଉଳିରେ ୨ ଟି ବୌଦ୍ଧ ମୂର୍ତ୍ତି, ସଂସଦରେ ସ୍ଥାପିତ ସୂର୍ଯ୍ୟ ନାରାୟଣ ମୂର୍ତ୍ତି, ରାଜିବ ଗାନ୍ଧୀଙ୍କ ସମାଧିପୀଠ, ନୂଆ ଦିଲ୍ଲୀ ଅଶୋକା ହେଟେଲରେ କୋଣାର୍କ ଚକ୍ର , ହରିଆନା ସରଜ କୁଣ୍ଡରେ ୧୫ ଫୁଟର ବୁଦ୍ଧ ମୂର୍ତ୍ତି, ଆମେରିକାର ଉତ୍ତର ଆଲବାମାରେ ଜଗନ୍ନାଥ ମନ୍ଦିର , ଲଦାଖରେ ୨୦ ଫୁଟ ଉଚ୍ଚତା ବିଶିଷ୍ଟ ୩ଟି ବୌଦ୍ଧ ମୂର୍ତ୍ତି ଫ୍ରାନ୍ସରେ କାଠର ବିଶାଳ ବୌଦ୍ଧ ମୂର୍ତ୍ତି, ଜାପାନରେ ୧୫ ଫୁଟ ଉଚ୍ଚତାର ଅଶୋକସ୍ତମ୍ଭ ପ୍ରମୁଖ। ଓଡ଼ିଶାର ଭାସ୍କର୍ଯ୍ୟ ଶିଳ୍ପୀ ରଘୁନାଥ ମହାପାତ୍ର ଦେଶର ଅଳ୍ପ କିଛି ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ଯିଏକି ତିନୋଟି ପଦ୍ମ ସମ୍ମାନ ପାଇବାରେ ହକଦାର ହୋଇଥିଲେ। ସେ ପ୍ରସ୍ତର ଶିଳ୍ପ କୃତି ପାଇଁ ୩୩ ବର୍ଷ ବୟସରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ । ୨୦୦୧ ମସିହାରେ ସେ ପଦ୍ମଭୂଷଣ ପୁରସ୍କାର ପାଇଥିଲେ । ୨୦୧୩ ରେ ତୃତୀୟ ଓଡ଼ିଆ ଭାବେ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ ଓ ସେ ଅନ୍ୟାନ ପୁରସ୍କାର ଭାବେ ନୃତ୍ୟଗୁରୁ କେଳୁ ଚରଣ ମହାପାତ୍ର ଓ କବି ସୀତାକାନ୍ତ ମହାପାତ୍ର ପୁରସ୍କାରରେ ପୁରସ୍କୃତ ହେବା ସହ ଏକାଡ଼େମୀର ଧର୍ମପଦ ପୁରସ୍କାର , ଶିଳ୍ପୀଗୁରୁ ସମ୍ମାନ , ଭରତମୁନି ସମ୍ମାନ ଓ ମସ୍କାର ପ୍ରଭୃତି ଅନ୍ୟାନ ବହୁ ପୁରସ୍କାରରେ ପୁରସ୍କୃତ ହୋଇଛନ୍ତି । ୨୦୦୦ରେ ତାଙ୍କୁ ଆଇସିସିଆର ସଭ୍ୟ ଭାବେ ଭାରତ ସରକାର ମନୋନୀତ କରିଥିଲେ । ସେ ମଧ୍ୟ ଓଡ଼ିଶା ଲଳିତ କଳା ଏକାଡ଼େମୀର ସଭାପତି ଭାବେ କାର୍ଯ୍ୟ କରିଥିଲେ । ଏହିଭଳି ପ୍ରତିଭାଧାରୀଙ୍କୁ ରାଷ୍ଟ୍ରପତି ରାଜ୍ୟସଭାକୁ ମନୋନୀତ କରିଥିଲେ । ତାଙ୍କର ତିନିପୁଅ ଓ ଦୁଇଝିଅ । ତାଙ୍କ ଜୀବିତ ଅବସ୍ଥାରେ ସାନ ପୁଅକୁ ହରାଇଥିଲେ । ତାଙ୍କର ଅନ୍ତେଷ୍ଟିକ୍ରିୟା ମଧ୍ୟରେ ଅନ୍ୟ ଦୁଇପୁଅ ଯଶୋବନ୍ତ ଓ ପ୍ରଶାନ୍ତ କୋରୋନା ମହାମାରୀର କରାଳ ଗର୍ଭରେ ବିଲିନ ହୋଇ ଯାଇଥିଲେ । ଅଧୁରା ରହିଗଲା ଦ୍ୱିତୀୟ କୋଣାର୍କ ନିର୍ମାଣର ସପ୍ନ । ନିରବୀଗଲା ନିହଣର ଶବ୍ଦ । କରୋନାର କରାଳ ଛାୟାରେ ସବୁଦିନ ପାଇଁ ଲୁଚି ଗଲା ମହାନ୍ ସ୍ଥାପତ୍ୟ ଶିଳ୍ପୀ ତଥା ରାଜ୍ୟସଭା ସାଂସଦ ରଘୁନାଥ ମହାପାତ୍ରଙ୍କ ଅସୁମାରୀ ଆଶା ଓ ଆକାଂକ୍ଷା। ମହାମାରୀ କରୋନାରେ ପିଡିତ ହୋଇ ୨୦୨୧ ମସିହା ମେ ମାସ ୯ ତାରିଖରେ ୭୮ ବର୍ଷ ବୟସରେଙ୍କ ଭୁବନେଶ୍ୱର ଏମସ୍ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ଜୀବନ ପ୍ରଦୀପ ଅସ୍ତମିତ ହୋଇଗଲା । ଏହି ମହାନ ଶିଳ୍ପି ତାଙ୍କର ହାତର ସ୍ପର୍ଶରେ ହଜାର ହଜାର ପଥରକୁ ଜୀବନ୍ତ କରି ଗଢ଼ି ତୋଳିଥିଲେ ଯାହା ଆଜି ମଧ ଜନ ମାନସକୁ ଆକର୍ଷଣ କରୁଛି । ତାଙ୍କର ପାର୍ଥିବ ଶରୀର ଆଜି ଆମ ଗହଣରେ ନାହିଁ ସତ କିନ୍ତୁ ସେ ଯୁଗଯୁଗ ଧରି ତାଙ୍କର ସୃଷ୍ଟି ପଥରମୂର୍ତ୍ତିରେ ଜୀବନ୍ତ ହୋଇ ରହିଛନ୍ତି। ରାଜ୍ୟ ତଥା ଦେଶର କଳା ଜଗତ ତାଙ୍କର ଅମ୍ଳାନ କୃତିକୁ ସଦାସର୍ବଦା ଚିରସ୍ମରଣୀୟ କରି ରଖିବ ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**





ଲଳିତ ମୋହନ ମିଶ୍ର

# ଚତୁର ବିଲୁଆ



ସୁନ୍ଦର ବନରେ ଲମ୍ଫୁ ଲୁମ୍ଫି ନାମରେ ଦୁଇଟି ବିଲୁଆ ବାସ କରୁଥିଲେ । ଅତି ହସ ଖୁସିରେ ସେମାନଙ୍କର ସମୟ ଅତିବାହିତ ହେଉଥିଲା । ଲମ୍ଫୁ ବିଲୁଆଟି ଅତି ଡରୁଆ ଓ ବୁଦ୍ଧିହୀନ ସ୍ୱଭାବର । ଲୁମ୍ଫି ବହୁତ ଚାଲାକ ଚତୁର । ତଥାପି ଦୁହିଁଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ । ଦିନେ ସନ୍ଧ୍ୟାରେ ଲମ୍ଫୁ ଓ ଲୁମ୍ଫି ନିକଟରେ ଥିବା ଏକ ନଦୀରୁ ପାଣି ପିଉଥିଲେ । ହଠାତ୍ ଜଙ୍ଗଲର ରାଜା ସିଂହ ସେଠାକୁ ଆସି ଏମିତି ଗର୍ଜନ କଲା ଯେ, ପୂରା ଜଙ୍ଗଲ ପ୍ରକମ୍ପିତ ହୋଇଗଲା । ସେ ଗର୍ଜନରେ ଲମ୍ଫୁକୁ ଲାଗିଲା ଯେମିତି ତାର ପ୍ରାଣବାୟୁ ଉଡିଯିବ । ତଥାପି ସାହସ ଜୁଟାଇ ଲୁମ୍ଫି ରାଜାଙ୍କୁ ପ୍ରଣାମ କଲା । ତା'ପରେ ସେ ପଚାରିଲା, ମହାରାଜ ! ଆମେ ଆପଣଙ୍କର କି ସେବା କରିପାରୁ ? ରାଜା ସିଂହ କହିଲେ- ମୋତେ ଭୋକ ଲାଗୁଛି... ମୁଁ ତୁମ ଦୁହିଁଙ୍କୁ ଖାଇବି । ସିଂହ ଅତି ଗର୍ବର ସହିତ ଗର୍ଜନ କରି କହିଲା । ଲମ୍ଫୁ ଲୁମ୍ଫି କହିଲେ- ମହାରାଜ ! ଆପଣ ଆମକୁ ନିଶ୍ଚୟ ଖାଇବେ, ଏହି ଶରୀର ଯଦି ରାଜାଙ୍କ ଦରକାରରେ ଆସିଲା ତାହା ହେଲେ ଏହାଠାରୁ ଆଉ ବଡ କଥା କ'ଣ ହୋଇପାରେ ? ଲୁମ୍ଫି ଖୁସିରେ ତେଲେଇ କରି କହିଲା, କିନ୍ତୁ ପ୍ରଥମେ ଆମର ଗୋଟିଏ ପ୍ରାର୍ଥନା ଶୁଣନ୍ତୁ । ରାଜା ସିଂହ କହିଲେ- ବୋଲ, କ'ଣ କହୁଛ ? ମହାରାଜ ! ଆମେ ଦୁହେଁ ବୁଢା ହୋଇଗଲୁଣି । ଆମ ଶରୀରରେ କେବଳ ହାଡ଼ ବ୍ୟତୀତ କିଛି ନାହିଁ । ଯଦି ଆପଣ ଏହାକୁ ଖାଇବେ, ତେବେ ଆପଣଙ୍କ ପେଟରେ ଏଗୁଡିକ ଉଠିବ ପଡିବ ଆପଣ ଅଜୀର୍ଣ୍ଣ ହୋଇ ଅସୁସ୍ଥ ହୋଇଯିବେ । ଲୁମ୍ଫି ବୁଝାଇଲା, ଆପଣ ଚାହିଁଲେ ଆମର ଦଶ ବାରଟି ସନ୍ତାନ ସନ୍ତତି ଅଛନ୍ତି । ଆପଣ ସେମାନଙ୍କୁ ଖାଇପାରିବେ । ନରମ ନରମ ସ୍ୱାଦିଷ୍ଟ ମାଂସ ଖାଇବାକୁ ଆପଣଙ୍କୁ ଭାରି ଭଲ ଲାଗିବ । କୋମଳ ଏବଂ ସ୍ୱାଦିଷ୍ଟ ମାଂସ ଖାଇବା କଥା ଭାବି ସିଂହର ପାଟିରୁ ଲାଳ ବୋହିଗଲା । ସିଂହ କହିଲା- ମୋତେ ଶୀଘ୍ର କୁହ, ତୁମ ପିଲାମାନେ କେଉଁଠି ଅଛନ୍ତି ? ସିଂହ ଲୁମ୍ଫିର ଚତୁର କଥାରେ ପଡି ଦୁହିଁଙ୍କ ସାଥିରେ ଚାଲିଲା । ଆଗରେ ଲମ୍ଫୁ ଲୁମ୍ଫି ଏବଂ ପଛରେ ସିଂହ । ଲମ୍ଫୁ ବିଲୁଆଟିର ଭୟରେ ପ୍ରାଣବାୟୁ ଉଡିଯାଇଥିଲା । କିନ୍ତୁ ଲୁମ୍ଫି ନିଜ ଜୀବନ ବଞ୍ଚାଇବା ପାଇଁ ଏକ ଉପାୟ ଚିନ୍ତା କଲା । ହଠାତ୍ ତାର ମନରେ ଗୋଟିଏ କଥା ଆସିଲା । ସେ ଲମ୍ଫୁକୁ ଠାରି କିଛି କହିଲା । କିଛି ଦୂର ଚାଲିବା ପରେ ତାଙ୍କର ଘର ମଧ୍ୟ ଆସିଲା । ତା'ପରେ ଲୁମ୍ଫି ବଡ ପାଟିରେ ଲମ୍ଫୁକୁ କହିଲା- ଯାଅ ! ପିଲାମାନଙ୍କୁ ଭିତରୁ ଆଣି ରାଜାଙ୍କ ସମ୍ମୁଖରେ ଉପସ୍ଥିତ କରାଅ । ଲମ୍ଫୁ ସଙ୍ଗେ ସଙ୍ଗେ ଘର ଭିତରକୁ ପଶିଲା । ଯେତେବେଳେ ବହୁତ ବିଳମ୍ବ ହେଲା, ଲୁମ୍ଫି କ୍ରୋଧିତ ହୋଇ କହିଲା- ବଦ୍‌ମାସ ଭିତରକୁ ଯାଇ କ'ଣ କରୁଛି ? ଆମର ଅତିଥି କ୍ଷୁଧାରେ ବ୍ୟାକୁଳିତ ହେଲେଣି । ସେ ଚତୁରତା ଦେଖାଇ କହିଲା, ବୋଧହୁଏ ପିଲାମାନେ ଶୋଇପଡିଛନ୍ତି । ମୁଁ ତାଙ୍କୁ ତୁରନ୍ତ ଉଠେଇ ଆଣୁଛି । ଏକଥା କହି ଲୁମ୍ଫି ମଧ୍ୟ ଶୀଘ୍ର ଘର ଭିତରକୁ ପଶିଗଲା । ଦୀର୍ଘ ସମୟ ପରେ ବି କେହି ହେଲେ ଘରୁ ବାହାରକୁ ନ ଆସିବାରୁ ସିଂହ ତା'ର ମୁର୍ଖ ପଣିଆକୁ ଅନୁଭବ କଲା । ଲମ୍ଫୁ ଓ ଲୁମ୍ଫି ସିଂହକୁ ବୋକା ବନାଇ ସେମାନଙ୍କ ଘର ଭିତରକୁ ପଶିଗଲେ । ଘରର ମୁହଁଟି ଅତ୍ୟନ୍ତ ଛୋଟଥିଲା । ଯେଉଁଥିରେ କି ସିଂହ ପ୍ରବେଶ କରିପାରିନଥାନ୍ତା । ସିଂହ ନିଜ ଭୁଲ୍ ପାଇଁ ଦୁଃଖ ପ୍ରକାଶ କରିଥିଲା । ଭଗ୍ନ ହୃଦୟରେ ପୁଣି ଖାଦ୍ୟ ସନ୍ଧାନ ପାଇଁ ଆଗକୁ ଆଗେଇ ଚାଲିଲା ।

*ଅରବିନ୍ଦ ନଗର, ନୟାଗଡ଼*
*ମୋ- ୯୪୩୭୯୮୫୮୬୬*

# ମଧୁସୂଦନଙ୍କ ଚନ୍ଦନ ଯାତ...

*ରାମଚନ୍ଦ୍ର ବେହେରା*



ବଇଶାଖ ଶୁକ୍ଳ ତୃତୀୟା ତିଥିରୁ
ହୁଅଇ ଚନ୍ଦନ ଯାତ
ଚନ୍ଦନ ଲଗେଇ ଚାପ ଖେଳିଥାନ୍ତି
ପ୍ରଭୁ ଜଗତର ନାଥ

ଅସହ୍ୟ ତାତିକୁ ସହି ନପାରନ୍ତି
ଜଳରେ କରନ୍ତି କ୍ରୀଡା
ପୁଷ୍ପ ଚନ୍ଦନରେ ସଜେଇ ଦେହକୁ
ଦୂରାନ୍ତି ତପତ ପୀଡା

ବିମାନରେ ବସି ନରେନ୍ଦ୍ର ପୋଖରୀ
ଯାଆନ୍ତି ମଧୁସୂଦନ
ସାଥୀରେ ଚାଲନ୍ତି କୃଷ୍ଣ ବଳରାମ
ଶ୍ରୀଦେବୀ ଭୂଦେବୀ ଜାଣ

ପଞ୍ଚ ମହାଦେବ ପ୍ରଭୁଙ୍କ ସାଥୀରେ
ଖେଳନ୍ତି ପବିତ୍ର ଚାପ
ସେ ଦୃଶ୍ୟ ଦେଖିଲେ ଭକ୍ତିଭାବ ଆସେ
ନଲାଗେ ଗ୍ରୀଷମ ତାପ

ବାହାର ଚନ୍ଦନ ଭିତର ଚନ୍ଦନ
ଚାଲେ ବୟାଳିଶି ଦିନ
ସବୁଠାରୁ ଲମ୍ବା ଏଇ ପୂଣ୍ୟ ପର୍ବ
ଶ୍ରୀକ୍ଷେତ୍ରେ ହୁଏ ପାଳନ

ଆମ ରାଇଜରେ ଅନେକ ପୀଠରେ
ହୁଅଇ ଚନ୍ଦନ ଯାତ
ଭକ୍ତିଭାବ ସହ ସେ ଯାତ ଦେଖିଲେ
ପ୍ରାଣ ହୁଏ ପୁଲକିତ !

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ- ୭୩୫୫୬୩୪୩୪୬*

# ବୋଉ

*ରଶ୍ମିତା ସେଠୀ*

ପଣତ କାନୀରେ ଲୁହକୁ ଲୁଚେଇ
ଆମ ଓଠେ ହସ ଦେଉ
ଏଇ ଦୁନିଆରେ ତୋପରି ବୋଉଲୋ
ଭଲକେ ପାଇବ ଆଉ ।
ଆମରି ହସ ଆମରି ଖୁସି
ତୋ ଲାଗି ସରଗ ସତେ
ଆମରି ଲାଗି ମନରେ ତୋର
ଗରବ ପୁଣି କେତେ
ଜୀବନେ ଯେବେ ଆସଇ ଝଡ଼
ଆଗ ତୁ ଠିଆ ହେଉ
କହିବା ଆଗୁ ମନର କଥା
ତୁ ସିନା ପାରୁ ବୁଝି
ବାପାଙ୍କ ଘଡ଼ି ସିଲଟ ଖଡ଼ି
ସବୁ ତୁ ଦେଉ ଖୋଜି
ଦୁଃଖ ଜାତନା କରି ଆପଣା
ବାଟ ତୁ ଚାଲୁଥାଉ ।

*ହଳଦୀପଦା, କଲ୍ୟାଣପୁର, ଖୋର୍ଦ୍ଧା*



# ବୋଉ ହାତଗଢା ଲାଗେ ସୁନ୍ଦର

*ନଳିନୀ ଦାଶ*

କେତେ ଯତନରେ ବୋଉ ହାତରେ ପାଳିଛି
ତା ହାତେ ଗାଧୋଇ ସଫା ସୁତୁରା ରଖିଛି
ଜହ୍ନ ଦେଖାଇ ସେ ହାତେ ଭାତ ଖୁଆଇଛି
ଖଡ଼ି କଲମକୁ ଧରି ଲେଖା ଶିଖାଇଛି

ଫୁଲତୋଳି ଗ୍ୟୁନ୍ଥିଦିଏ ହାତେ ଫୁଲମାଳ
ବୋଉ ମୋର ବାଢ଼ିଦିଏ ତା ହାତେ ପଖାଳ
ବୋଉ ହାତ ରଖିଥାଏ ସଫା ପରିବେଶ
ହାତେ କାଟି ରାନ୍ଧି ରଖିଦିଏ ମାଛ ମାଂସ


ହାତେ ତାର ମାଜିଥାଏ ମୋ ବୋଉ ବାସନ
ଛାଟ ଧରି କରିଥାଏ ମୋତେ ସେ ଶାସନ
ଟିକି ହାତ ଧରି ହାତେ ଶିଖାଇଛି ଚାଲି
ମୋ ଦେହରୁ ହାତେ ଝଡାଇଛି ଧୂଳି ବାଲି

ଜାମା ସଫାକରି ହାତେ ପିନ୍ଧିବାକୁ ଦିଏ
ଫୁଲଗଛ ବଗିଚାରେ ହାତେ ପୋତିଦିଏ
ଗଢିଦିଏ ହାତେ ମଣ୍ଡା ଚିତୋଉ ଚକୁଳି
ଠାକୁରଙ୍କ ପାଶେ ବାଢିଦିଏ ଭୋଗଥାଳି

ରୋଗବେଳେ ବୋଉହାତେ ଦେଇଛି ଆଉଁସି
ହାତେ ତାର ମହୋଷଧି ବାଟି ଖୁଆଇଛି
ପାଳିଥାଏ ବୋଉ ଘରେ କେତେଯେ ପରବ
ହାତେ ତାର ଗଢିଦିଏ ସେ ନାନା ଦରବ

ବୋଉ ହାତେ ଘର ଲାଗେ ସରଗୁ ସୁନ୍ଦର
ମଥାପରେ ଢ଼ାଳିଦିଏ ଆଶିଷର ଝର
ବୋଉର ମମତା ତ୍ୟାଗ ଆମେ ନଭୁଲିବା
ଦେବୀଟିଏ ପାଦ ଛୁଇଁ ପ୍ରଣାମ କରିବା

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୯୭୬୪୯*



# ଗୁରୁଙ୍କ କଥା ଶୁଣିବା

*ଅଲେଖ କୁମାର*



ଗୁରୁଜୀ ଡାକିଲେ ପିଲାଏ ଆସ
ସତ୍ୟ ଦିପୁ ସାଇ ଧାଇଁଲେ ପାଶ
ଗୁରୁଜୀ କହିଲେ ଚେକା ମାଡ଼ି କରି
ସଭିଏଁ ମୋ ପାଖରେ ଆସି ବସ

ବୁଝିଲ ପିଲାଏ
କହିବା ଆଗରୁ କିଛି କରିବା
କରିବା ଆଗରୁ କିଛି ଶିଖିବା
ଶିଖିବା ପାଇଁ କି କିଛି ଶୁଣିବା

ଯଦି ରହିଯାଏ କିଛି ଅବୁଝା
ପଚାରି ଗୁରୁଙ୍କ ସବୁ ବୁଝିବା
ବୁଝି ସୁଜି ସବୁ କରିଲେ କାମ
ଭବିଷ୍ୟତ ପାଇଁ ବାଟ ହୁଏ ସୁଗମ

ଗାନ୍ଧୀ ଗୋପବନ୍ଧୁଙ୍କ ପରି ହୋଇବା
କହିବା ଆଗରୁ କିଛି କରିବା
କରିବା ଆଗରୁ କିଛି ଶିଖିବା
ଅନ୍ୟାୟ ଅନୀତି ନା ଆମେ ସହିବା
ଦେଶ ପାଇଁ ଆମେ ସବୁ ଲଢିବା

ଭୁଲ କାମ କେବେ କରିବା ନାହିଁ
ସତ କହିବାକୁ ଡରିବା ନାହିଁ
କରିବା ଆଗରୁ କହିବା ନାହିଁ
ଆଳସ୍ୟ ପଣକୁ ରଖିବା ନାହିଁ

କରମରେ ଆମେ ରଖିବା ଧ୍ୟାନ
ପିତା ମାତାଙ୍କର ରଖିବା ମାନ
ଅହଂଭାବ ଆମେ ତ୍ୟାଗ କରିବା
କହିବା ଆଗରୁ କିଛି ଶିଖିବା

ଛୋଟ କଢି ଆମେ ଦିନେ ଫୁଟିବା
ଦେଶକୁ ଆମେ ସଜାଇ ଦେବା
ଗାଁ ପରିବେଶ ସ୍ୱଚ୍ଛ ରଖିବା
ନିଃସ୍ୱାର୍ଥପର ଭାବେ କାମ କରିବା


ଗୁରୁଜୀ କହିଲେ ଚାଲ ଏଥର
ଯାହା ମୁଁ କହିଲି କର ଆଦର
ତେବେ ଯାଇ ଦେଶ ହେବ ସୁନ୍ଦର
କର୍ତ୍ତବ୍ୟରେ କେବେ ହେଳା ନକର

ବୁଝିଲ ପିଲାଏ
କହିବା ଆଗରୁ କିଛି କରିବା
କରିବା ଆଗରୁ କିଛି ଶିଖିବା
ଶିଖିବା ପାଇଁ କି କିଛି ଶୁଣିବା ।

*ଓଇଏସ, ବଲାଙ୍ଗୀର*

# ବେଙ୍ଗୁଲି ନାନୀ

*ସୁରମା ମିଶ୍ର*





ବେଙ୍ଗୁଲି ନାନୀ ଲୋ ବେଙ୍ଗୁଲି ନାନୀ
ସାରୁ ଗଛ ମୂଳେ ଆଣ୍ଠୁଏ ପାଣି
ବେଙ୍ଗ ତ ଯାଇଛି ଆହାର ପାଇଁ
ତୁ କିଆଁ ବସିଛୁ ତା ବାଟ ଚାହିଁ

କେଁ କେଁ କେଁ କେଁ କଟର
ରାବ ଶୁଣି ତୋର ରିନା ଆମର
ବୋଉ କାନି ତଳେ ମୁହଁ ଲୁଚାଇ
ଗଭୀର ନିଦରେ ଗଲାଣି ଶୋଇ

ଢାଉଁ ଢାଉଁ ଢାଉଁ ବାଜିବ ବାଜା
ବେଙ୍ଗ ଭାଇ ମୋର ହୋଇବ ରାଜା
ତୁ ପରା ହୋଇବୁ ତା ପାଟରାଣୀ
ସଜାଇ ଦେବି ମୁଁ ତୋ ମନ ଜାଣି

ଲଲାଟରେ ଦେବି ଚନ୍ଦନ ଚିତା
ମୁଣ୍ଡେ ବାନ୍ଧି ଦେବି ରିବନ ଫିତା
ହାତେ ପିନ୍ଧାଇବି ସୁନା କଙ୍କଣ
ଗୋଡ଼ରେ ଝୁଣ୍ଟିଆ ଝଅମ ଝମ

ଆଖିରେ ଦେବି ମୁଁ କଜଳ ଗାର
ଗଳାରେ ଶୋଭିବ ମୁକୁତା ହାର
ଭାଇ ତ ଆଣିବ ପାଟ ପତନି
ତାକୁ ପିନ୍ଧି ତୁ ଲୋ ସାଜିବୁ ରାଣୀ


ମତେ କେବେ ହେଲେ ଭୁଲି ନଯିବୁ
ସବୁବେଳେ ମନେ ପକାଉଥିବୁ
ମୋ ସାଙ୍ଗରେ ତୁହି ମିତ ବସିବୁ
କେଁ କେଁ କଟର ଗୀତ ଗାଇବୁ ।

*ବିଏଲ-୩୯, ଭିଏସଏସ ନଗର, ଭୁବନେଶ୍ୱର*
*ମୋ- ୯୮୫୩୩୪୩୯୬୫*



# ମା' ପରି କେ ହେବ

*ଜ୍ୟୋତିରେଖା ସାହୁ*



ମା' ପରି କେ ହେବ
ଦୁଃଖ ସହି ଛାତିରେ ଜାବୁଡ଼ି ଧରି ଥିବ
ମା' ପରି କେ ହେବ
ସୁଖ ଛାଡ଼ି ଦେଇ ଦୁଃଖକୁ ଆପଣେଇଥିବ
ମା' ପରି କେ ହେବ
ପଣତରେ ଧୂଳି ଝାଡ଼ି କୋଳେଇ ନଉଥିବ
ମା' ପରି କେ ହେବ
କାଖ କରି ଆକାଶରୁ ଚାନ୍ଦ ତୋଳି ଦଉଥିବ
ମା' ପରି କେ ହେବ
ନ ଖାଇ ସେ ଆମକୁ ଖୁଆଇ ଦଉଥିବ
ମା' ପରି କେ ହେବ
ସଂସାରର କଷ୍ଟ ସହି ହସି ଦଉଥିବ
ମା' ପରି କେ ହେବ
ଦେହର ଯନ୍ତ୍ରଣା ବହି ନୀତି କାମ କରୁଥିବ
ମା' ପରି କେ ହେବ
ଆଖିର ଲୁହ ପିଇ ଆମ ଆଗେ ହସୁଥିବ
ମା' ପରି କେ ହେବ
ନିଜକୁ ବିକି ଦେଇ ଆମ ପାଇଁ ହସ କିଣୁଥିବ
ମା' ପରି କେ ହେବ
ନିଜେ ଜଳି ଆମକୁ ଆଲୋକ ଦଉଥିବ ।

*ମୋ- ୭୮୪୬୮୬୯୫୪୬*



# ଯାଦୁ ସେ କିଏ କରିଛି ?

*ବିଜୟଲକ୍ଷ୍ମୀ ପାଣିଗ୍ରାହି*

ମିତୁଲୁ ଗଲା ଦୋକାନ ପାଖୁଁ
ମୁଣ୍ଡରେ ପିନ୍ଧି ଟୋପି
କଳା ଚଷମା ମୁହଁରେ ତା'ର
ବାଳ ରଖିଛି ହିପ୍ପୀ

ପାଦେ ଚପଲ ନାଇଲା ହଳେ
କାନ୍ଧେ ଓଦା ଗାମୁଛା
ଛତା ଫୁଟାଇ ପାଦ ମିଶାଇ
ଧରିଲା ଅଜାଙ୍କ ପିଛା

ଦୋକାନୀ ଦେଇଥିଲା ଆଇସ୍‌କ୍ରିମ୍
ଘରକୁ ଫେରି ଦେଖିଲା
ଆଇସ୍‌କ୍ରିମ୍‌ଟା ହୋଇଛି ଲସି
କିଏ ସେ ଏ ଯାଦୁ କଲା ?

ଅଜା କହିଲେ ହୋଇଲୁ ବାୟା
ବୁଦ୍ଧି ହଜିଗଲା ତୋର
ଗଛ କାଟିଲେ ତାତି ବଢ଼ିଲା
ହୋଇଲା ଧରାକୁ ଜ୍ୱର

ହୁତୁହୁତିଆ ଖରାରେ ଏଠି
ହଂସା ଉଡିଯାଉଅଛି
ଆରେ ଭୋକୁଆ କହୁଛୁ ପୁଣି
ଯାଦୁ ସେ କିଏ କରିଛି ?

*ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ*
*ମୋ- ୮୨୪୯୪୫୦୦୫୦*



# ଖରାରେ ଯାଅନା ପଦାକୁ

*କୀର୍ତ୍ତନ ସାହୁ*





ଉହ ଉହ ଖରା
ତାତି ହୁଏ ଭରା

ପଦାକୁ ଯାଅନା କେବେରେ
ଘରେ ରୁହ ତମେ ଏବେରେ

ଅସ୍ତ ବ୍ୟସ୍ତ ଲାଗେ
ଦେହ ପାଣି ମାଗେ
ପାଣି ପିଅ ବାରବାରରେ
ଖରା କଷ୍ଟ ହେବ ପାରରେ

ବେଲ ଲେମ୍ବୁ ଆଣି
ସରବତ ପାଣି
ପିଇ ନିଜ ଯତ୍ନ ନିଅରେ
ଦେହ ପାଇଁ ଧ୍ୟାନ ଦିଅରେ

ସାଦା ସିଝା ଖାଅ
ତାର ମଜା ପାଅ
ପଖାଳ ଦେହକୁ ହିତରେ
ଖରାଦିନ ତାତି ଜିତରେ

ଖରା ସତର୍କତା
ମାନ ମଧୁ ମିତା
ରହିବନି ଖରା ଭୟରେ
ହୋଇବ ତମର ଜୟରେ ।

*ମିଶ୍ର କଲୋନୀ, ଶାଳ ପଡ଼ା, କେନ୍ଦୁଝର*
*ଦୂରଭାଷ- ୯୪୩୮୪୧୪୭୦୧*

# ତରଭୁଜରେ ତରଭୁଜ

*ନୀଳମଣି ଚାନ୍ଦ*

ଆଇ କହିଲେ ଆଖି ବୁଜ
ଯିଏ ଖାଇବ ତରଭୁଜ
ଚୋପା ଶାଗୁଆ ଦିଶେ ଖାଲି
ହେଲେ ଭିତର ତା'ର ନାଲି

ମିଳୁଛି ଭିନ୍ନ କିସମର
ହଳଦି ରଙ୍ଗ ତା ଭିତ'ର
ଖରାଦିନର ଫଳ ଇଏ
ପେଟକୁ ଥଣ୍ଡା ରଖେ ଯିଏ

ସିଏ ନରମ, ମିଠା ଭାରି
ଦେହର ପାଇଁ ଉପକାରୀ
ନବେରୁ ବେଶୀ ଭାଗ ପାଣି
ଖାଇବା ବେଳେ ଯିବ ଜାଣି

ଅଛି ଖ, ଗ ଜୀବସାର
ହୋଇଛି ତନ୍ତୁ ଭରପୂର
ନୁହଁଇ ଦାମ ଚଢା ଏତେ
ଆସରେ ପିଲାମାନେ ଯେତେ

ନେଇକି କାଟି, ବାଣ୍ଟି ଖାଅ
ଟାଣଖରାରେ ମଜା ପାଅ
ତରଭୁଜରେ ତରଭୁଜ
ଆକୃତି ଗୋଲ ନାହିଁ ଭୁଜ ।

*ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*

# ନିଜକୁ ଗୁଳି କରି ଆତ୍ମହତ୍ୟା କଲେ ସଚିନ ତେନ୍ଦୁଲକରଙ୍କ ବଡ଼ିଗାର୍ଡ଼



**ନୂଆଦିଲ୍ଲୀ**

ଭାରତର ପୂର୍ବତନ ଭେଟେରାନ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ସୁରକ୍ଷାରେ ନିୟୋଜିତ ଜଣେ ଯବାନ ନିଜକୁ ଗୁଳି କରିଛନ୍ତି। ଏହି ଘଟଣାରେ ବଡ଼ିଗାର୍ଡ଼ଙ୍କ ମୃତ୍ୟୁ ଘଟିଛି। ତେବେ ସେ ଛୁଟିରେ ନିଜ ଘରକୁ ଯାଇଥିଲେ। ସେଠାରେ ସେ ମଙ୍ଗଳବାର ବିଳମ୍ବିତ ରାତିରେ ନିଜକୁ ଗୁଳି କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ଭାରତ ରତ୍ନ ସଚିନ ତେନ୍ଦୁଲକରଙ୍କ ସୁରକ୍ଷାରେ ନିୟୋଜିତ ଏସ୍‌ଆରପିଏଫ୍‌ର ଜଣେ ଯବାନ ଜାମନେର ସହରରେ ନିଜର ପୁରୁଣା ଘରେ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ପ୍ରକାଶ କାପଡ଼େ। ସେ ଛୁଟିରେ ନିଜର ପୈତୃକ ସହରକୁ ଯାଇଥିଲେ।

ଜାମନେର ଥାନାର ବରିଷ୍ଠ ପୋଲିସ ଇନ୍ସପେକ୍ଟର କିରଣ ଶିନ୍ଦେ କହିଛନ୍ତି ଯେ, ଘଟଣା ବିଳମ୍ବିତ ରାତି ୧.୩୦ରେ ଘଟିଛି। ଯବାନଜଣଙ୍କ କାହିଁକି ଆତ୍ମହତ୍ୟା କଲେ ଜଣାପଡ଼ିନାହିଁ। ହେଲେ ପ୍ରାଥମିକ ତଦନ୍ତରୁ ବ୍ୟକ୍ତିଗତ କାରଣରୁ ସେ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ଜଣାପଡ଼ିଛି। ହେଲେ ତଦନ୍ତ ପରେ ପ୍ରକୃତ କାରଣ ଉପରୁ ପରଦା ହଟିବ। ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଛି। ଜାମନେର ପୋଲିସ ମାମଲା ରୁଜୁ କରି ପରିବାର ସଦସ୍ୟ, ସହକର୍ମୀଙ୍କୁ ପଚରାଉଚରା କରୁଛି। ତେବେ ତାଙ୍କ ପରିବାରରେ ବୁଢ଼ା ମା'ବାପା, ପତ୍ନୀ, ଦୁଇ ନାବାଳକ ସନ୍ତାନ, ଭାଇ ଏବଂ ଅନ୍ୟମାନେ ଅଛନ୍ତି।

# ରାହୁଲ ଦ୍ରାବିଡ଼ଙ୍କ ପରେ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ରେସ୍‌ରେ ୩ କ୍ରିକେଟର

**ନୂଆଦିଲ୍ଲୀ**

ଭାରତରେ ଏବେ ଚାଲିଛି ଆଇପିଏଲ କ୍ରେଜ୍। ଏହା ପରେ ପରେ ଆରମ୍ଭ ହୋଇଯିବ ଟି-୨୦ ବିଶ୍ୱକପ୍। ଏହି ବିଶ୍ୱକପ ପାଇଁ ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି।

ମେ' ୧୩ ତାରିଖରେ ବିସିସିଆଇ ପକ୍ଷରୁ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ପାଇଁ ଆବେଦନ କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବର୍ତ୍ତମାନର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ଼ଙ୍କ କାର୍ଯ୍ୟକାଳ ଆସନ୍ତା ଟି-୨୦ ବିଶ୍ୱକପ ପରେ ଶେଷ ହେବାକୁ ଯାଉଛି। ତେବେ ଶୁଣିବାକୁ ମିଳୁଛି ରାହୁଲ ଦ୍ରାବିଡ୍ ପୁଣି ହେଡ କୋଚ୍ ପଦବୀ ପାଇଁ ଆବେଦନ କରିପାରନ୍ତି। ତାଙ୍କ ବାଦ୍ ଆଉ ୩ କିମ୍ବଦନ୍ତୀ କ୍ରିକେଟର ମୁଖ୍ୟ କୋଚ୍ ପାଇଁ ଦାବିଦାର ଅଛନ୍ତି।



ଭିଭିଏସ୍ ଲକ୍ଷ୍ମଣ : ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ପାଇଁ ସବୁଠାରୁ ଅଧିକ ପସନ୍ଦ ତଥା ଡିମାଣ୍ଡରେ ହେଉଛନ୍ତି ପୂର୍ବତନ କ୍ରିକେଟର ଭିଭିଏସ୍ ଲକ୍ଷ୍ମଣ। ୪୯ ବର୍ଷୀୟ ଲକ୍ଷ୍ମଣ ଏବେ ନ୍ୟାସନାଲ କ୍ରିକେଟ ଏକାଡେମୀର ମୁଖ୍ୟ ଅଛନ୍ତି। ଦ୍ରାବିଡ଼ ଛୁଟିରେ ଥିବାବେଳେ ଲକ୍ଷ୍ମଣ ସିନିଅର ଟିମ୍‌ର ପ୍ରଶିକ୍ଷକ କାମ ବି କରୁଥିଲେ। ତେଣୁ ଲକ୍ଷ୍ମଣ ଭାରତୀୟ ଦଳର ପରବର୍ତ୍ତୀ ହେଡ୍ କୋଚ୍ ହୋଇପାରନ୍ତି।

ଗୌତମ ଗମ୍ଭୀର : ଗତ ଦଶ ବର୍ଷ ମଧ୍ୟରେ ଶୀର୍ଷ ସ୍ତରରେ କ୍ରିକେଟ ଖେଳିଥିବା ଗମ୍ଭୀର କ୍ରିକେଟରେ ତାଙ୍କ ଦକ୍ଷତା ଏବଂ ଦଳ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଦିଗରେ ବେଶ୍ ଦକ୍ଷ। କେକେଆରର ଅଧିନାୟକ ଥିବା ବେଳେ ଦୁଇ ଦୁଇଟି ଆଇପିଏଲ୍ ଟ୍ରଫି ହାତେଇଥିଲେ ଗମ୍ଭୀର। ସେହିଭଳି ୨୦୦୭ ଟି-୨୦ ବିଶ୍ୱକପ୍ ଏବଂ ୨୦୧୧ ଦିନିକିଆ ବିଶ୍ୱକପରେ ତାଙ୍କ ଚମତ୍କାର ବ୍ୟାଟିଂ ଯୋଗୁ ଭାରତ ବିଶ୍ୱ ଚାମ୍ପିୟନ ହୋଇଥିଲା। ତେଣୁ ଗମ୍ଭୀର ମଧ୍ୟ ମୁଖ୍ୟ କୋଚ୍ ଦୌଡ଼ରେ ରହିଛନ୍ତି।

ଜଷ୍ଟିନ ଲାଙ୍ଗର : ଅଷ୍ଟ୍ରେଲିଆ ଦଳର ମୁଖ୍ୟ କ୍ରିକେଟ କୋଚ୍ ଜଷ୍ଟିନ ଲାଙ୍ଗର ଭାରତୀୟ ଦଳର କୋଚ୍ ହେବା ଦୌଡ଼ରେ ଅଛନ୍ତି। ନିକଟରେ ସେ ହେଡ୍ କୋଚ୍ ହେବାକୁ ଇଚ୍ଛା ବ୍ୟକ୍ତ କରିଥିଲେ। କଙ୍ଗାରୁ ଟିମ୍ ଟି-୨୦ ବିଶ୍ୱକପ ବିଜୟୀ କରାଇବା ହେଉ କିମ୍ବା ଆସେସ୍ ବିଜୟୀ କରାଇବା ସବୁଥିରେ ପ୍ରମୁଖ ଭୂମିକା ତୁଲାଇଥିଲେ ଜଷ୍ଟିନ ଲାଙ୍ଗର। ତେବେ ସେ ମଧ୍ୟ ଭାରତୀୟ ଦଳର ମୁଖ୍ୟ କୋଚ୍ ରେସରେ ଅଛନ୍ତି।

# କଳିଙ୍ଗ ଷ୍ଟାଡିୟମରେ ସ୍ୱର୍ଣ୍ଣ ଜିତିଲେ ନୀରଜ ଚୋପ୍ରା



**ଭୁବନେଶ୍ୱର**

କଳିଙ୍ଗ ଷ୍ଟାଡ଼ିୟମରେ ଚାଲିଥିବା ଜାତୀୟ ଫେଡ଼େରେସନ ଆଥଲେଟିକ ଚାମ୍ପିଅନସିପରେ ସ୍ୱର୍ଣ୍ଣ ଜିତିଛନ୍ତି ନୀରଜ ଚୋପ୍ରା। ଭାରତର ଏହି ତାରକା ସର୍ବାଧିକ ୮୨.୨୭ ମିଟର ଜାଭେଲିନ ଫିଙ୍ଗି ସ୍ୱର୍ଣ୍ଣ ଜିତିଥିଲା ବେଳେ ନିରାଶ କରିଛନ୍ତି ଓଡ଼ିଆ ପୁଅ କିଶୋର ଜେନା। ତେବେ ପ୍ରଥମରେ ନୀରଜ ଭଲ ପ୍ରଦର୍ଶନ କରିବାକୁ ସଂଘର୍ଷ କରୁଥିବା ବେଳେ ତୃତୀୟ ରାଉଣ୍ଡ ସୁଦ୍ଧା ଦ୍ୱିତୀୟରେ ରହିଥିଲେ। ଚତୁର୍ଥ ରାଉଣ୍ଡରେ ୮୨.୨୭ ମିଟର ଫିଙ୍ଗି ପ୍ରଥମ ସ୍ଥାନକୁ ଆସିଥିଲେ ଏବଂ ଫାଇନାଲ ରାଉଣ୍ଡରେ ମଧ୍ୟ ସେ ଅଂଶଗ୍ରହଣ କରି ନ ଥିଲେ। ଡିପି ମନୁ ୮୨.୦୬ ମିଟର ଫିଙ୍ଗି ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ଉତ୍ତମ ୭୮.୩୯ ମିଟର ସହିତ ତୃତୀୟ ସ୍ଥାନରେ ରହିଥିଲେ।

ନୀରଜ ଶେଷଥର ପାଇଁ ୧୭ ମାର୍ଚ୍ଚ ୨୦୨୧ରେ ଘରୋଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୮୭.୮୦ ମିଟର ଫିଙ୍ଗିଥିଲେ। ଏହାପରେ ସେ ଟୋକିଓରେ ଭାରତ ପାଇଁ ଐତିହାସିକ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହାପରେ ୨୦୨୨ ଡାଇମଣ୍ଡ ଲିଗରେ ଚାମ୍ପିଅନ, ୨୦୨୩ରେ ବିଶ୍ୱ ଚାମ୍ପିଅନ ଏବଂ ଚାଇନାରେ ଅନୁଷ୍ଠିତ ହୋଇଥିବା ଏସିଆନ ଗେମ୍ସରେ ନିଜର ସ୍ୱର୍ଣ୍ଣକୁ ବଜାୟ ରଖିଥିଲେ।

# ଦଳ ଜିତିବା ପରେ ବି ଖୁସି ନାହାନ୍ତି ରିଷଭ ପନ୍ତ

**ନୂଆଦିଲ୍ଲୀ**

ଆଇପିଏଲ ୨୦୨୪ର ୬୪ତମ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ଲକ୍ଷ୍ନୌ ସୁପର ଜିଆଣ୍ଟସ୍‌କୁ ୧୯ ରନ୍‌ରେ ପରାସ୍ତ କରିଥିଲା। ଏହି ବିଜୟ ସହିତ ଦିଲ୍ଲୀ ପ୍ଲେ ଅଫ ରେସ୍‌ରେ ନିଜକୁ ରଖିଛି କିନ୍ତୁ ଏହି ବିଜୟ ପରେ ଦିଲ୍ଲୀ ଅଧିନାୟକ ରିଷଭ ପନ୍ତ ଖୁସି ମନେ ହେଉ ନ ଥିଲେ। ପ୍ରତିବନ୍ଧକ ଯୋଗୁଁ ପନ୍ତ ଶେଷ ମ୍ୟାଚ୍ ଖେଳିପାରି ନ ଥିଲେ ଏବଂ ଦିଲ୍ଲୀ ମ୍ୟାଚ୍ ହାରିଥିଲା। ପନ୍ତ ଏହା ପାଇଁ ଅନୁତାପ କରୁଛନ୍ତି। ପନ୍ତ କହିଛନ୍ତି ଯେ, ଯଦି ମୋର ଶେଷ ମ୍ୟାଚ୍ ଖେଳିବାର ସୁଯୋଗ ଥାନ୍ତା, ତେବେ ଯୋଗ୍ୟତା ଅର୍ଜନ କରିବାର ସୁଯୋଗ ପାଇଥାନ୍ତି।



ଦିଲ୍ଲୀ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷ ଶେଷ ମ୍ୟାଚ୍ ହାରିଥିଲି, ଯେଉଁଥିରେ ରିଷଭ ପନ୍ତଙ୍କ ଅନୁପସ୍ଥିତିରେ ଅକ୍ଷର ପଟେଲ ଦଳର ଦାୟିତ୍ୱ ନେଇଥିଲେ। ମ୍ୟାଚ ଜିତିବା ପରେ ପନ୍ତ କହିଛନ୍ତି, ଆମର କିଛି ଯୋଜନା ଥିଲା। ଆମେ ଭଲ ବୋଲିଂ ଜାରି ରଖିଥିଲୁ। ମୁଁ କହିବି ଯେ ଏହି ସିଜିନ୍ ଆଶା ଠାରୁ ଆରମ୍ଭ ହୋଇଥିଲା। କିଛି ଆଘାତ ସତ୍ତ୍ୱେ ଆମେ ଏପର୍ଯ୍ୟନ୍ତ ପ୍ରତିଯୋଗିତାରେ ଅଛୁ। ଯଦି ମୋତେ ଶେଷ ମ୍ୟାଚ୍ ଖେଳିବାର ସୁଯୋଗ ମିଳିଥାନ୍ତା ତେବେ ଆମକୁ ଯୋଗ୍ୟତା ଅର୍ଜନ କରିବାର ଏକ ଭଲ ସୁଯୋଗ ମିଳିଥାନ୍ତା। ବ୍ୟକ୍ତିଗତ ଭାବେ, ଫେରିବା ବହୁତ ଭଲ ଅଟେ। ମୁଁ ସବୁବେଳେ ପଡ଼ିଆରେ ରହିବାକୁ ଚାହେଁ ଏବଂ କୌଣସି କାର୍ଯ୍ୟକୁ ହାତଛଡ଼ା କରିବାକୁ ଚାହେଁ ନାହିଁ।

# ଏସିଆନ ଟାଏକୋଣ୍ଡୋ ଜାତୀୟ ଦଳର କୋଚ୍ ଭାବେ ମନୋନୀତ ହେଲେ ଚିନ୍ମୟ

**ଭଦ୍ରକ**

ଭିଏତ୍‌ନାମର ଦାନାଙ୍ଗଠାରେ ଆୟୋଜିତ ଏସିଆନ ଟାଏକୋଣ୍ଡୋ ପ୍ରତିଯୋଗିତା ପାଇଁ ଜାତୀୟ ଦଳର କୋଚ୍ ଭାବେ ଓଡ଼ିଶା ଟାଏକୋଣ୍ଡୋର ସମ୍ପାଦକ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକର ଚିନ୍ମୟ ବେହେରା(୩୬) ମନୋନୀତ ହୋଇଛନ୍ତି। ମଙ୍ଗଳବାର ଓ ବୁଧବାର ଦୁଇଦିନ ଧରି ପ୍ରତିଯୋଗିତା ହୋଇଥିଲା। ୨୮ଜଣ ଖେଳାଳିଙ୍କ ସହ ୨ ଜଣ କୋଚ୍ ଭାରତରୁ ଭିଏତ୍‌ନାମ ଖେଳିବା ପାଇଁ ଯାଇଛନ୍ତି। ଚିନ୍ମୟ ଏହା ପୂର୍ବରୁ ଶ୍ରୀଲଙ୍କା ଓ ଦୁବାଇ ପ୍ରତିଯୋଗିତାରେ କୋଚ୍ ଭାବେ ଦାୟିତ୍ୱ ତୁଲାଇଥିଲେ। ତାଙ୍କର ଅଭିଜ୍ଞତା ଓ ପ୍ରଶିକ୍ଷଣ ଦ୍ୱାରା ଜାତୀୟ ଦଳ ଭଲ ପ୍ରଦର୍ଶନ କରିଥିବାରୁ ତାଙ୍କୁ ଏହି ପ୍ରତିଯୋଗିତା ପାଇଁ ପୁନର୍ବାର କୋଚ୍ ଭାବେ ମନୋନୀତ କରାଯାଇଛି। ଏହି ପ୍ରତିଯୋଗିତାରେ ଭାରତୀୟ ଦଳ ଭଲ ପ୍ରଦର୍ଶନ କରିବ ବୋଲି ଚିନ୍ମୟ ଦୃଢ଼ ଆଶା ରଖିଥିବା କହିଛନ୍ତି।



# ଗଣେଶ୍ୱରଙ୍କ ଓସ୍ତପୁରରେ ନିର୍ବାଚନ ପ୍ରଚାର

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଓସ୍ତପୁର ପଞ୍ଚାୟତରେ ଗଣେଶ୍ୱର ବେହେରା ନିର୍ବାଚନ ପ୍ରଚାର କରିଥିବା ଜଣାପଡ଼ିଛି। ପଞ୍ଚାୟତରେ ପ୍ରସିଦ୍ଧ ଗୋରେଖନାଥଙ୍କ ବାର୍ଷିକ ଉତ୍ସବରେ ଯୋଗ ଦେଇ ସେଠାରେ ମହାପୁରୁଷଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ବାର୍ଷିକ ଉତ୍ସବ ଅବସରରେ ଉପସ୍ଥିତ ଥିବା ଶତାଧିକ ଶ୍ରଦ୍ଧାଳୁ ଓ ଭକ୍ତଙ୍କୁ ଭେଟି ଭଲମନ୍ଦ ପଚାରି ବୁଝିବା ସହ ନିଜ ସପକ୍ଷରେ ଶଙ୍ଖ ଚିହ୍ନରେ ଭୋଟଦେବା ପାଇଁ ଅନୁରୋଧ କରିଥିଲେ। ଏହି ଅବସରରେ ଓସ୍ତପୁର ସରପଞ୍ଚ ପ୍ରସନ୍ନ ରାଉତଙ୍କ ସଂଯୋଜନା ରେ ଆୟୋଜିତ ପ୍ରଚାର ଅଭିଯାନ ରେ ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ ଜେନା, ବିଜୟ ପ୍ରଧାନ, ବିଜୟ ପ୍ରଧାନ, ସୁବାସ ଜେନା, ରବିନ୍ଦ୍ର ମଲିକ, ଅରିକ୍ଷିତ ମଲିକ, ସଂଜୟ ମଲିକ, ସନାତନ ବାରିକ ପ୍ରମୁଖ, ଚକ୍ରୋଡ଼ା, ବାରଙ୍ଗ, କଦଳୀବାଡ଼ି, ନାଗପୁର, ଦେପୁର, ସାରଙ୍ଗ ଆଦି ଗ୍ରାମ ଗୁଡିକ ବୁଲି ଭୋଟରମାନଙ୍କୁ ଭେଟିଥିଲେ।

# ସୁଶାନ୍ତ ଓ ମନ୍ମଥଙ୍କ ବିଶାଳ ନିର୍ବାଚନୀ ଶୋଭାଯାତ୍ରା ଓ ବାଇକ୍ ରାଲି

**ବାରଙ୍ଗ, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବରିମୁଣ୍ଡ ଗ୍ରାମ ପଞ୍ଚାୟତ ଏବଂ ଇଞ୍ଜଣା ଗ୍ରାମ ପଞ୍ଚାୟତରେ ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ରାଉତ ଏବଂ ଭୁବନେଶ୍ୱର ଲୋକସଭା ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟଙ୍କୁ ନେଇ ମଙ୍ଗଳବାର ଏକ ବିଶାଳ ନିର୍ବାଚନୀ ଶୋଭାଯାତ୍ରା ଏବଂ ମୋଟର ସାଇକେଲ ରାଲି ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ସର୍ବଦା ଜନକଲ୍ୟାଣ ଦିଗରେ ସେବା କରିଆସିଛି ଏବଂ ପ୍ରକାଶିତ ହୋଇଥିବା ନିର୍ବାଚନୀ ଇସ୍ତାହାରରେ ଛାତ୍ରମାନଙ୍କ ପାଇଁ ଛାତ୍ରବୃତ୍ତି ବୃଦ୍ଧି ଏବଂ କୃଷକମାନଙ୍କ ପାଇଁ ଆହୁରି ବିକାଶମୂଳକ ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ଏବଂ ଏହି ପରିପ୍ରେକ୍ଷୀରେ ତାଙ୍କୁ ପୁଣି ଥରେ ଶାସନ ଦାୟିତ୍ୱ ଦେଇ ପ୍ରଗତି ଧାରାକୁ ବଜାୟ ରଖିବା ପାଇଁ କର୍ମୀମାନେ ବଦ୍ଧପରିକର, ଯାହାକି ଆଜିର ଏହି ଶୋଭାଯାତ୍ରାରେ ପ୍ରମାଣିତ ହୋଇଥିଲା। ଏହି ଶୋଭାଯାତ୍ରା ଗୁଡ଼ିକରେ ବିଜୁ ଜନତା ଦଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ପାଇଁ ସ୍ଥାନୀୟ ବାସିନ୍ଦାଙ୍କର ଅଭୂତପୂର୍ବ ସମର୍ଥନ ପରିଲକ୍ଷିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ଗୁଡ଼ିକରେ ଅନ୍ୟତମ ପ୍ରମୁଖ ଅତିଥି ଭାବେ ମେୟର ସୁଲୋଚନା ଦାସ, ବରିଷ୍ଠ ନେତା ସୁବାସ ଚନ୍ଦ୍ର ପାତ୍ର, ସ୍ଥାନୀୟ କର୍ପୋରେଟର, ବରିମୁଣ୍ଡ ସରପଞ୍ଚ, କଲ୍ୟାଣପୁର ସରପଞ୍ଚ, ଇଞ୍ଜଣା ସରପଞ୍ଚ, ସମିତି ସଭ୍ୟ, ୩୦ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା, ବରିଷ୍ଠ ମୁରବି ପ୍ରଦୀପ ଦାସ, ପ୍ରତାପ ରାଉତ, ବିଜୁ ଜନତା ଦଳ ଉତ୍ତର ଛାତ୍ର ସଭାପତିଙ୍କ ସମେତ ବହୁ ସଂଖ୍ୟାରେ ଏସ୍‌ଏଚ୍‌ଜି ଗ୍ରୁପ୍‌ର ମା'ମାନେ ଯୋଗଦେଇ ଏହି କାର୍ଯ୍ୟକ୍ରମଗୁଡ଼ିକୁ ସଫଳ କରିବାରେ ସହାୟକ ହୋଇଥିଲେ।

# ମାହାଙ୍ଗାରୁ ଶ୍ରୀରାମ ବିନୋଦ ଷଡ଼ଙ୍ଗୀଙ୍କ ପ୍ରାର୍ଥୀପତ୍ର ଦାଖଲ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

ମର୍ଯ୍ୟାଦାଜନକ ମାହାଙ୍ଗା ନିର୍ବାଚନ ମଣ୍ଡଳୀରୁ ବିଧାନସଭା ନିମନ୍ତେ ସମାଜବାଦୀ ପାର୍ଟି ତରଫରୁ ସାରଳାପୁତ୍ର ଶ୍ରୀରାମ ବିନୋଦ ଷଡ଼ଙ୍ଗୀ ପ୍ରତିଦ୍ୱନ୍ଦ୍ୱିତା କରିବା ନିମନ୍ତେ କଟକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଥିବାର ଜଣାଯାଇଛି। ଶ୍ରୀ ଷଡ଼ଙ୍ଗୀ ଏକାଧାରରେ ଜଣେ ଉଚ୍ଚଶିକ୍ଷିତ ଲେଖକ, ସାମ୍ବାଦିକ, ଆଇନଜୀବୀ ରାଜନୈତିକ ସମୀକ୍ଷକ, ସମାଜସେବୀ ଓ ସମାଜ ସଂସ୍କାରକ ରୂପେ ପରିଚିତ। ନିଶ୍ଚିନ୍ତକୋଇଲି ବ୍ଲକ ନଗସପୁର ଗ୍ରାମପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ନଗେନ୍ଦ୍ର ଷଡ଼ଙ୍ଗୀଙ୍କ ସୁପୁତ୍ର ଶ୍ରୀମାନ ଷଡ଼ଙ୍ଗୀଙ୍କୁ ସମାଜବାଦୀ ପାର୍ଟି ତରଫରୁ ମାହାଙ୍ଗା ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିବା ନିମନ୍ତେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହି ସମୟରେ ଶ୍ରୀ ଷଡ଼ଙ୍ଗୀଙ୍କ ପିତା ପୂର୍ବତନ ସରପଞ୍ଚ ନଗେନ୍ଦ୍ରନାଥ ଷଡ଼ଙ୍ଗୀ ଓ ମାଆ ପ୍ରେମଲତା ଷଡ଼ଙ୍ଗୀଙ୍କ ସମେତ ବହୁ ସମର୍ଥକ ଉପସ୍ଥିତ ଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରାକ୍ତନ ମନ୍ତ୍ରୀ ସ୍ୱର୍ଗତ ସୁରେନ୍ଦ୍ରନାଥ ପଟ୍ଟନାୟକଙ୍କ ପରେ ଏହି ଅଞ୍ଚଳରୁ ଆଜି ପର୍ଯ୍ୟନ୍ତ କେହିହେଲେ ବିଧାନସଭା ନିମନ୍ତେ ପ୍ରାର୍ଥୀ ହୋଇନଥିଲେ। ସମାଜବାଦୀ ପାର୍ଟି ତରଫରୁ ନିଶ୍ଚିନ୍ତକୋଇଲି ବ୍ଲକ୍ ଅଞ୍ଚଳରୁ ଶ୍ରୀ ଷଡ଼ଙ୍ଗୀଙ୍କୁ ପ୍ରାର୍ଥୀ ମନୋନୀତ କରାଯାଇଥିବାରୁ ମାହାଙ୍ଗା ରାଜନୀତି ଏକ ରୋଚକ ସ୍ଥିତିରେ ପହଞ୍ଚିଛି।

# ବେଲବାହାଲିରେ ବିଜେଡିର ନୂତନ କାର୍ଯ୍ୟାଳୟ ଶୁଭାରମ୍ଭ

**ଆନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବେଲବାହାଲିରେ ବିଜୁ ଜନତା ଦଳର ଏକ ନୂତନ କାର୍ଯ୍ୟାଳୟ ପଞ୍ଚାୟତର ସଭାପତି ପଦ୍ମଲୋଚନ ସାହୁ ଏବଂ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିର ସଭାପତି ଶରତ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଶୁଭ ଉଦ୍‌ଘାଟନ କରାଯାଇଛି। ଚଳିତବର୍ଷ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଏବଂ କେନ୍ଦୁଝର ସାଂସଦ ପ୍ରାର୍ଥୀ ଧନୁଞ୍ଜୟ ସିଧୁଙ୍କୁ ଆନନ୍ଦପୁର ଅଞ୍ଚଳରେ ଅଧିକ ମାତ୍ରାରେ ଭୋଟ୍ ଦେଇ ବିଜୟ ଲାଭ କରିବା ପାଇଁ ସମସ୍ତେ ସ୍ଲୋଗାନ ଦେଇ ନାରା ଦେଇଥିଲେ। ବିଜେଡି ସଂଗଠନକୁ ବେଲବାହାଲୀରେ ଅଧିକରୁ ଅଧିକ ମାତ୍ରାରେ ମଜଭୁତ କରିବା ପାଇଁ ସମସ୍ତ କର୍ମୀ ଶପଥ ଗ୍ରହଣ କରିଥିଲେ। ବେଲବାହାଲି ସେବା ସମବାୟ ସମିତିର ସଭାପତି ପଦ୍ମଲୋଚନ ସାହୁ, ଆଞ୍ଚଳିକ ବାଣିଜ୍ୟ ସେବା ସମବାୟ ସମିତିର ସଭାପତି ଶରତ ଚନ୍ଦ୍ର ସାହୁ, ପ୍ରମୋଦ ସାହୁ, ଅରୁଣ ସାହୁ, ବିଚିତ୍ର ସାହୁ, ଗୋବର୍ଦ୍ଧନ ସାହୁ, ସନ୍ତୋଷ ପରିଡ଼ା, ତାପସ ରାଉତ, ସଞ୍ଜୟ ଦାସ, ଅନିଲ ସାହୁ, ତାପସ ଜେନା, ମଇନ ସାହୁ, ଭାଇଗ ସାହୁ, ବୃନ୍ଦାବନ ସାହୁ,ଉଦ୍ଧବ ସାହୁ, ଶ୍ରୀଧର ସାହୁ, ଶୁକଦେବ ସାହୁ, ଅଜିତ ନାହାକ ଏବଂ ଅନେକ କର୍ମୀ ଉପସ୍ଥିତ ରହି ସହଯୋଗ କରିଥିଲେ।




# ମତଦାନ ବେଳେ ସମ୍ବେଦନଶୀଳ ବୁଥ୍‌ରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଗୁରୁତ୍ୱ

**କେନ୍ଦୁଝର, ନ୍ୟୁଜ୍**

ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ କେନ୍ଦୁଝର ପାଇଁ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଆଶିଷ ମୋଦି, ମିନହାଜ ଆଲାମ ଓ ପୋଲିସ ପର୍ଯ୍ୟବେକ୍ଷକ ରୁପିନ୍ଦର ସିଂହ ଜିଲ୍ଲାରେ ନିର୍ବାଚନ ପରିଚାଳନା ନିମନ୍ତେ ନିଯୁକ୍ତ ବିଭିନ୍ନ ନୋଡାଲ ଅଫିସରମାନଙ୍କ ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଅତିରିକ୍ତ ଜିଲ୍ଲାପାଳ ଲଳିତ ସୋରେଙ୍ଗ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟକାରୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଆଇଏଏସ ପ୍ରୋବେସନର ସୁଶ୍ରୀ ପ୍ରେକ୍ଷା ଅଗ୍ରୱାଲ, ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଓ ଜିଲ୍ଲା ନିର୍ବାଚନ ପରିଚାଳନା ନିମନ୍ତେ ନିଯୁକ୍ତ ପ୍ରମୁଖ ନୋଡ଼ାଲ ଅଧିକାରୀ ମାନେ ଯୋଗ ଦେଇଥିଲେ। ଏହି ବୈଠକରେ ପୋଲିସ ଏବଂ ଅନ୍ୟାନ୍ୟ ଏଜେନ୍ସିର ନୋଡାଲ ଅଧିକାରୀ ଯୋଗ ଦେଇ ନିର୍ବାଚନ ସମୟରେ ଆବଶ୍ୟକୀୟ ପୋଲିସ ଫୋର୍ସ ମୁତୟନ, ସମ୍ବେଦନଶୀଳ ବୁଥ୍‌ରେ ଶାନ୍ତିଶୃଙ୍ଖଳା ବଜାୟ, ନିର୍ବାଚନ ସମ୍ବନ୍ଧିତ ବିଭିନ୍ନ ପରିଚାଳନା ନିମନ୍ତେ ବିଭିନ୍ନ ପ୍ରକୋଷ୍ଠର କାର୍ଯ୍ୟକାରିତା ଓ ସଠିକ ନିୟନ୍ତ୍ରଣ ନିମନ୍ତେ ସମସ୍ତ ପଦକ୍ଷେପ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ନିର୍ବାଚନ ସମ୍ପର୍କିତ କୌଣସି ପ୍ରକାରର ଉଲ୍ଲଙ୍ଘନ ହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଅଧିକାରୀମାନେ ଘଟଣା ଘଟିବାର ସଙ୍ଗେ ସଙ୍ଗେ ରିପୋର୍ଟ କରି ତା'ର ସମାଧାନ ପାଇଁ ବ୍ୟବସ୍ଥା କରିବା ଏବଂ ପ୍ରୋଟୋକଲ ଉପରେ ମଧ୍ୟ ଆଲୋଚନା କରିଥିଲେ। ଏନଫୋର୍ସମେଣ୍ଟ ଏଜେନ୍ସିର ନୋଡାଲ ଅଧିକାରୀମାନେ ସେମାନଙ୍କର ପରିଚାଳନାଗତ ଯୋଜନା ବିଷୟରେ ତଥ୍ୟ ପ୍ରଦାନ କରିଥିଲେ ଏବଂ ବେଆଇନ ଉପାୟରେ ନିର୍ବାଚନ ପ୍ରକ୍ରିୟାକୁ ଖରାପ କରିବାର କୌଣସି ପ୍ରୟାସ ବିରୋଧରେ କଡ଼ା ସତର୍କତା ଏବଂ ତ୍ୱରିତ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଅବାଧ ଓ ସ୍ୱଚ୍ଛ ନିର୍ବାଚନରେ ଯେପରି କୌଣସି ବାଧକ ନ ଆସିବ ସେଥିପାଇଁ ସମସ୍ତ ନୋଡ଼ାଲ ଅଧିକାରୀ ମିଳିତ ଭାବେ କାମ କରିବାକୁ ପର୍ଯ୍ୟବେକ୍ଷକମାନେ ଆହ୍ୱାନ ଦେଇଥିଲେ।



# ବିଜେପିର କାର୍ଯ୍ୟକର୍ତ୍ତା କର୍ମଶାଳା ଏବଂ ମିଶ୍ରଣ ପର୍ବ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖେଣ୍ଡେରା ଗ୍ରାମପଞ୍ଚାୟତର ସିଆଳ-ଯୋଡ଼ା ଗ୍ରାମରେ ଗୁମୁରା ମଣ୍ଡଳ ଦ୍ୱାରା ଅୟୋଜିତ ହୋଇଥିବା କାର୍ଯ୍ୟକର୍ତ୍ତା କର୍ମଶାଳା ଏବଂ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ସଦର ବିଧାୟକ ପ୍ରାର୍ଥୀ ମୋହନ ଚରଣ ମାଝୀ ଯୋଗଦେଇ କାର୍ଯ୍ୟକର୍ତ୍ତା ମାନଙ୍କୁ ଉତ୍ସାହିତ କରିବା ସହିତ ଡବଲ ଇଞ୍ଜିନ ସରକାର କରିବା ପାଇଁ ଘରେ ଘରେ ଯାଇ ଭୋଟର୍ସମାନଙ୍କୁ ବାର୍ତ୍ତା ଦେବା ପାଇଁ କହିଥିଲେ। ଏହି ମିଶ୍ରଣ ପର୍ବରେ ପାଖାପାଖି ୩୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ରାଜନୈତିକ ଦଳର କର୍ମୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟାଧାରାରେ ଅନୁପ୍ରାଣିତ ହୋଇ ବିଜେପିକୁ ସମର୍ଥନ ଜଣାଇ ଦଳରେ ଯୋଗ ଦେଇଥିବା କହିଛନ୍ତି। ଏହି ନବାଗତ ନେତାମାନେ ଓଡ଼ିଶାରେ ବିଜେପିର ସରକାର ଗଢିବା ସହିତ ତୃତୀୟ ଥର ପାଇଁ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପିର ସରକାର ଗଢ଼ିବା ଉଦ୍ଦେଶ୍ୟରେ ଭାରତୀୟ ଜନତା ପାର୍ଟିରେ ଯୋଗଦେଇ ଥିବା ଉଲ୍ଲେଖ୍ୟ କରିଛନ୍ତି। କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ଗୁମୁରା ମଣ୍ଡଳ ସଭାପତି ସୁନିଲ ମହାନ୍ତ, ଝୁମ୍ପୁରା ମଣ୍ଡଳ ସଭାପତି ମହେନ୍ଦ୍ର ପଟ୍ଟନାୟକ, ବୁଥ୍ ଇନ୍‌ଚାର୍ଜ ବୃନ୍ଦାବନ ମହାନ୍ତ, ପୂର୍ବତନ ସରପଞ୍ଚ ଚିକିନା ନାୟକ, ବରିଷ୍ଠ କାର୍ଯ୍ୟକର୍ତ୍ତା ପଞ୍ଚାନନ ସାହୁ, ମନରଞ୍ଜନ ମହାନ୍ତ, ମଳୟ ରଞ୍ଜନ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

# ସିବିଏସ୍‌ଇ ପରୀକ୍ଷାରେ ଜବାହର ନବୋଦୟ ବିଦ୍ୟାଳୟର ସଫଳତା

**କେନ୍ଦୁଝର, ନ୍ୟୁଜ୍**

ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଥିବା ବେଳେ ପିଏମ୍ ଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟ ହଦଗଡ଼ର ଛାତ୍ରଛାତ୍ରୀ ଏଥିରେ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ଏହି ପରୀକ୍ଷାରେ ଦ୍ୱାଦଶ ଶ୍ରେଣୀର ଛାତ୍ରୀ ଶ୍ରାବଣୀ ସ୍ମୃତିରେଖା ୯୭% ମାର୍କର କେନ୍ଦୁଝର ଜିଲ୍ଲାର ହଦଗଡ଼ ସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟର ଟେକ ରଖିଛନ୍ତି। ୫୦୦ ମାର୍କରୁ ୪୮୫ ମାର୍କ ହାସଲ କରି ୯୭ ପ୍ରତିଶତ ମାର୍କ ସହ ହଦଗଡ଼ ସ୍ଥିତ ପିଏମଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟର ଟପ୍ପର ହେବାର ଗୌରବ ହାସଲ କରିଛନ୍ତି ଶ୍ରାବଣୀ। ନରଣପୁର ଉପଖଣ୍ଡର ମୈଦାନକେଲ ଗ୍ରାମର ହୋଇଥିବା ବେଳେ ଶ୍ରାବଣୀଙ୍କ ପିତା ଲକ୍ଷ୍ମଣ ମହାନ୍ତ ଜଣେ କୃଷକ ଓ ମା' କନକଲତା ମହାନ୍ତ ଜଣେ ଗୃହିଣୀ। ଶ୍ରାବଣୀ କେନ୍ଦୁଝର ମଣ୍ଡୁଆ ପଞ୍ଚାୟତର ବାଁପାର ଗ୍ରାମରେ ରହୁଥିବା ବେଳେ ତାଙ୍କର ବଡ଼ ଭଉଣୀ ସୁଷମା ସ୍ମୃତିରେଖା ମହାନ୍ତ ପୁରୀ ସ୍ଥିତ ଏସ୍‌ସିଏସ୍ ବିଶ୍ୱବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ଼ ବିଏଡ୍ ଶିକ୍ଷା ଲାଭ କରୁଛନ୍ତି। ଶ୍ରାବଣୀ ସ୍ମୃତିରେଖା ମହାନ୍ତ ଜଣେ ମେଧାବୀ ଛାତ୍ରୀ ହୋଇଥିବା ବେଳେ କଠିନ ପରିଶ୍ରମ ଓ ଗଭୀର ଆତ୍ମବିଶ୍ୱାସ ବଳରେ ସେ ଏହି କୃତିତ୍ୱ ଲାଭ କରିଥିବା ପ୍ରକାଶ କରିଛନ୍ତି। ଏଥିପାଇଁ ସେ ସ୍କୁଲର ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଭବିଷ୍ୟତରେ ସେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି ଓ ସେଥିପାଇଁ ଆବଶ୍ୟକୀୟ ନିଟ୍ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଛନ୍ତି। ଶ୍ରାବଣୀଙ୍କ ସଫଳତା ପାଇଁ ତାଙ୍କୁ ସ୍କୁଲର ଅଧ୍ୟକ୍ଷ, ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଓ ଗୁରୁଜନ ମାନଙ୍କ ପାଖରୁ ଉଜ୍ଜ୍ୱଳ ଭବିଷ୍ୟତ କାମନା ସହ ଶୁଭେଚ୍ଛାର ଶୁଅ ଛୁଟିଛି।

# ଡିଏଭି ଓଏମ୍‌ସି ପବ୍ଲିକ୍ ସ୍କୁଲର ସିବିଏସ୍‌ଇ ଦଶମ ବୋର୍ଡ଼ରେ ସଫଳତା

**ଯୋଡ଼ା, ନ୍ୟୁଜ୍‌ବ୍ୟୁରୋ**

ସୋମବାର ପ୍ରକାଶିତ ସିବିଏସ୍‌ଇ ଦଶମ ବୋର୍ଡ଼ ପରୀକ୍ଷାରେ ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଜିଳିଙ୍ଗସ୍ଥ ଡିଏଭି ଓଏମ୍‌ସି ପବ୍ଲିକ ସ୍କୁଲ୍ ଚଳିତ ବର୍ଷ ସର୍ବକାଳୀନ ସଫଳତା ଅର୍ଜନ କରିଛି। ଏହି ସ୍କୁଲ୍‌ର ଛାତ୍ର ସ୍ୱସ୍ତିକ ମହନ୍ତ ୯୮ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ସର୍ବକାଳୀନ ରେକର୍ଡ଼ ସ୍ଥାପନ କରିଥିଲା ବେଳେ ପ୍ରଭୁକଲ୍ୟାଣ ସାହୁ ୯୫ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ଓ ପ୍ରକୃତି ସାମନ୍ତରାୟ ୯୩.୨ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଥିଲା ବେଳେ ମୋଟ୍ ୫ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ଅଙ୍କ ରଖିଛନ୍ତି। ବିଦ୍ୟାଳୟ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଶତ ପ୍ରତିଶତ ସଫଳତା ହାସଲ କରିଛି। ବିଦ୍ୟାଳୟର ଦୁଇଜଣ ଛାତ୍ର ଗଣିତରେ ଶତ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ବିଦ୍ୟାଳୟର ଏହି କୃତିତ୍ୱରେ ବିଦ୍ୟାଳୟର ପରିଚାଳନା ସମିତିର ଅଧ୍ୟକ୍ଷା ତଲତ୍ ଆଫ୍ରିନ୍, ଡିଏଭି ଜୋନ-ଇ ଉପ ଆଞ୍ଚଳିକ ଅଧିକାରୀ ତଥା ବିଦ୍ୟାଳୟର ମ୍ୟାନେଜର ଇପ୍‌ସିତା ଦାସ ଓ ଓଏମ୍‌ସି ବଡ଼ବିଲ ଖଣି ମଣ୍ଡଳର ଆଞ୍ଚଳିକ ଅଧିକାରୀ ଅବନିକାନ୍ତ ପ୍ରଧାନ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ଅଧ୍ୟକ୍ଷ ସୌମେନ୍ଦ୍ର ନାୟକ ତଥା ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଆଗାମୀ ବର୍ଷମାନଙ୍କରେ ଏହି ସଫଳତାର ଜୟଯାତ୍ରା ଅବ୍ୟାହତ ରଖିବାକୁ ଅନୁପ୍ରେରିତ କରିଛନ୍ତି।

# ଯାଜପୁର ଜିଲ୍ଲାରେ ଲୋକସଭା ଓ ବିଧାନସଭା ପାଇଁ ୮୪ ପ୍ରାର୍ଥୀପତ୍ର ଦାଖଲ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଏକକାଳୀନ ସାଧାରଣ ନିର୍ବାଚନ ପାଇଁ ଯାଜପୁର ଜିଲ୍ଲା ନାମାଙ୍କନ ପତ୍ର ଦାଖଲ କରିବାର ଅନ୍ତିମ ଦିବସରେ ୩୦ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ୦୮-ଯାଜପୁର (ସଂରକ୍ଷିତ) ଲୋକସଭା ଆସନ ନିମନ୍ତେ ସୁମନ୍ତ ମଲ୍ଲିକ, ବିଦ୍ୟାଧର ଦଲେଇ, ନରେନ୍ଦ୍ର ମଳିକ, ଭୈରବ ପ୍ରସାଦ ବେହେରା ଏବଂ ମଣ୍ଟୁ ସେଠୀ ସେମାନଙ୍କର ନାମାଙ୍କନ ପତ୍ର ରିଟର୍ଣ୍ଣିଂ ଅଫିସର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ନିଖିଲ ପବନ କଲ୍ୟାଣଙ୍କ ନିକଟରେ ଦାଖଲ କରିଛନ୍ତି। ୪୮-ବିଂଝାରପୁର (ସଂରକ୍ଷିତ) ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ବବିତା ମଲ୍ଲିକ ତାଙ୍କର ନାମାଙ୍କନ ପତ୍ର ରିଟର୍ଣ୍ଣିଂ ଅଫିସର ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶୁଭେନ୍ଦ୍ର କୁମାର ସାମଲଙ୍କ ନିକଟରେ ଦାଖଲ କରିଛନ୍ତି। ୪୯-ବରୀ ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ନିମାଇଁ ଚରଣ ରାୟ, ଅଶୋକ କୁମାର ବେହେରା ଏବଂ ଅଜୟ ଧଳ ତାଙ୍କର ନାମାଙ୍କନ ପତ୍ର ରିଟର୍ଣ୍ଣିଂ ଅଫିସର ଅତିରିକ୍ତ ଉପ-ଜିଲ୍ଲାପାଳ, ମନୋରମା ଜାଲିଙ୍କ ନିକଟରେ ଦାଖଲ କରିଛନ୍ତି। ୫୦-ବଡଚଣା ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ମନୋରଞ୍ଜନ ଜେନା, ଲକ୍ଷ୍ମୀ ମଲ୍ଲିକ, ଅଜୟ ଅନୁରାଗ ମହାନ୍ତି, ତରଣୀ ମଲ୍ଲିକ, ମାନଓ କୁମାର ରାଉତ ତାଙ୍କର ନାମାଙ୍କନ ପତ୍ର ରିଟର୍ଣ୍ଣିଂ ଅଫିସର, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ନବକ୍ରିଷ୍ଣ ଜେନାଙ୍କ ନିକଟରେ ଦାଖଲ କରିବା ସହ ୫୧-ଧର୍ମଶାଳା ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, ସ୍ମୃତିରେଖା ପହି, ହିମାଂଶୁ ଶେଖର ସାହୁ ଓ ପୁରୁଷୋତ୍ତମ ବେହେରା ସେମାନଙ୍କର ନାମାଙ୍କନ ପତ୍ର ରିଟର୍ଣ୍ଣିଂ ଅଫିସର ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ନବକ୍ରିଷ୍ଣ ଜେନା, ଯାଜପୁରଙ୍କ ନିକଟରେ ମଧ୍ୟ ଦାଖଲ କରିଛନ୍ତି। ୫୨-ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ସୁଜାତା ସାହୁ, ପ୍ରଭାସଜ୍ୟୋତି ମହାନ୍ତି, ଦିଗମ୍ବର ବେହେରା, ସୁଭାଶିଷ ମହାପାତ୍ର ଏବଂ ୫୩-କୋରେଇ ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଅଟଳ କୁମାର ଜେନା, ତ୍ରିନୟନ ରଥ ଓ ବିନୋଦ ବିହାରୀ ଜେନା ସେମାନଙ୍କର ନାମାଙ୍କନ ପତ୍ର ରିଟର୍ଣ୍ଣିଂ ଅଫିସର ଉପ-ଜିଲ୍ଲାପାଳ ଅଂଶୁମାନ ଶତପଥୀଙ୍କ ନିକଟରେ ଦାଖଲ କରିଛନ୍ତି। ୫୪-ସୁକିନ୍ଦା ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଦୟାଲରତନ ମହାନ୍ତ, ଅଭିମନ୍ୟୁ ରଥ, ଦୀପକ କୁମାର ନାୟକ, ସଂଦୀପ ଚକ୍ର ଓ ରଂଜିତ କୁମାର ଜାମୁଡ଼ା ସେମାନଙ୍କର ନାମାଙ୍କନ ପତ୍ର ରିଟର୍ଣ୍ଣିଂ ଅଫିସର ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗ ନଗର ଲଙ୍କେଶ୍ୱର ଅମାତଙ୍କ ନିକଟରେ ଦାଖଲ କରିଛନ୍ତି। ପ୍ରକାଶ ଥାଉ କି, ଗତ ୭।୫।୨୦୨୪ ରିଖ ଠାରୁ ତା ୧୩।୫।୨୦୨୪ ରିଖ ପର୍ଯ୍ୟନ୍ତ (୨ ଦିନ ଛୁଟି ଦିବସ ବ୍ୟତୀତ) ୫ ଦିନରେ ୦୮-ଯାଜପୁର (ସଂରକ୍ଷିତ) ଲୋକସଭା ଆସନ ନିମନ୍ତେ ୮ ଜଣ ପ୍ରାର୍ଥୀ, ୪୮-ବିଂଝାରପୁର (ସଂରକ୍ଷିତ) ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ୪ ଜଣ ପ୍ରାର୍ଥୀ, ୪୯-ବରୀ ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ୫ ଜଣ ପ୍ରାର୍ଥୀ, ୫୦-ବଡ଼ଚଣା ନିର୍ବାଚନ ମଣ୍ଡଳୀ ନିମନ୍ତେ ୬ ଜଣ ପ୍ରାର୍ଥୀ, ୫୧-ଧର୍ମଶାଳା ନିର୍ବାଚନ ମଣ୍ଡଳୀ ନିମନ୍ତେ ୯ ଜଣ ପ୍ରାର୍ଥୀ, ୫୨-ଯାଜପୁର ନିର୍ବାଚନ ମଣ୍ଡଳୀ ନିମନ୍ତେ ୫ ଜଣ ପ୍ରାର୍ଥୀ, ୫୩-କୋରେଇ ନିର୍ବାଚନ ମଣ୍ଡଳୀ ନିମନ୍ତେ ୯ ଜଣ ପ୍ରାର୍ଥୀ ଏବଂ ୫୪-ସୁକିନ୍ଦା ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ୮ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ମଙ୍ଗଳବାର ସୁଦ୍ଧା ମୋଟ୍ ୮୪ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ।



# ଆଇନଜୀବୀଙ୍କୁ ଭେଟିଲେ କେନ୍ଦ୍ରାପଡ଼ାର ସାଂସଦ ପ୍ରାର୍ଥୀ ବୈଜୟନ୍ତ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ କେନ୍ଦ୍ରାପଡ଼ା ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା କେନ୍ଦ୍ରାପଡ଼ା କୋର୍ଟ ପରିସରରେ ଓକିଲମାନଙ୍କୁ ଭେଟି ଦୀର୍ଘ ସମୟ ଧରି ଆଲୋଚନା କରିଥିବା ଜଣାପଡ଼ିଛି । ଶ୍ରୀ ପଣ୍ଡା ଚଳିତ ଲୋକସଭା ନିର୍ବାଚନରେ ସାଂସଦ ପ୍ରାର୍ଥୀ ହୋଇଥିବାରୁ ବିଭିନ୍ନ ଅନୁଷ୍ଠାନକୁ ଯାଇ ଲୋକମାନଙ୍କ ସହିତ ଆଲୋଚନା କରୁଛନ୍ତି । ମଙ୍ଗଳବାର ଜିଲ୍ଲା ଆଇନଜୀବୀ ସଂଘର ସଭାପତି ଧ୍ରୁବ ଚରଣ ଜେନାଙ୍କ ସହ ସୁଧିର କୁମାର ପରିଡ଼ା, ସୁବ୍ରତ ପଟ୍ଟନାୟକ, ସେକ ମତଲୁବ ବକ୍ସ, ଗଣେଶ ମଲିକ, ରମେଶ ଲେଙ୍କା, ବିଭୂତି କର, ଏନ ଚିନ୍ମୟୀ, ପ୍ରମୋଦ ନାୟକ, ନେହେରୁ ସାହୁଙ୍କ ସହ ଶତାଧିକ ଓକିଲ ଉପସ୍ଥିତ ରହି ବିଭିନ୍ନ ସମସୟା ସଂପର୍କରେ ଆଲୋଚନା କରିବା ସହ ଶ୍ରୀ ପଣ୍ଡା ବିଜେପିର ସାଂସଦ ପ୍ରାର୍ଥୀ ଭାବରେ ଛିଡ଼ା ହୋଇଥିବାରୁ ନିର୍ବାଚନରେ ତାଙ୍କୁ ସହଯୋଗ କରିବା ପାଇଁ ତାଙ୍କୁ ଅନୁରୋଧ କରିଥିଲେ । ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ଜିଲ୍ଲା ସଭାପତି ଦୁର୍ଯ୍ୟୋଧନ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଆଇନଜୀବୀ ଶ୍ରୀ ପଣ୍ଡାଙ୍କୁ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି ।

# ପୂର୍ବତଟ ରେଳପଥ ଯାତ୍ରୀମାନଙ୍କୁ ସୁଗମ ଯାତ୍ରା ପ୍ରଦାନ କରାଇବାକୁ ବଦ୍ଧପରିକର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସମଗ୍ର ଦେଶରେ ଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ନିୟମିତ ଟ୍ରେନ୍‌ରେ ଗ୍ରୀଷ୍ମ କାଳୀନ ଭିଡକୁ ଏଡ଼ାଇବା ପାଇଁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ପାଇଁ ସେବା ଘୋଷଣା କରିଛି । ଏହି ଟ୍ରେନଗୁଡିକ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟସ୍ଥଳକୁ ସଂଯୋଗ କରିବା ସହିତ ଗ୍ରୀଷ୍ମ ଋତୁରେ ନିରନ୍ତର ଯାତ୍ରା ଉପଲବ୍ଧତା ଏବଂ ସ୍ମରଣୀୟ ଅନୁଭୂତି ପାଇଁ ସୁବିଧା, ଆରାମ ଏବଂ ନିରାପତ୍ତା ପ୍ରଦାନ କରିବ । ଏହା ବ୍ୟତୀତ ଦେଶରେ ଚାଲୁଥିବା ସାଧାରଣ ନିର୍ବାଚନରେ ଭୋଟ୍ ଦେବା ପାଇଁ ଯାତ୍ରୀମାନଙ୍କୁ ଯାତ୍ରା ସୁବିଧା ଯୋଗାଇବା ପାଇଁ ଏହି ସ୍ୱତନ୍ତ୍ର ଟ୍ରେନ୍ ମଧ୍ୟ ସେବା ସୁବିଧା ପ୍ରଦାନ କରାଇବ ।

ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ଏହାର ପରିସୀମାରୁ ଦେଶର ବିଭିନ୍ନ ଗନ୍ତବ୍ୟସ୍ଥଳକୁ ସ୍ୱତନ୍ତ୍ର ଟ୍ରେନ ସେବା ଘୋଷଣା କରିଛି । ଏହା ବିଭିନ୍ନ ଅଞ୍ଚଳର ଯାତ୍ରୀଙ୍କ ଯାତ୍ରା ଆବଶ୍ୟକତାକୁ ପୂରଣ କରିବ । ଯାତ୍ରୀମାନେ ସୁବିଧାଜନକ ଯାତ୍ରା ଅଭିଜ୍ଞତା ନିଶ୍ଚିତ କରିବା ସହିତ ଆରାମ ଏବଂ ସୁବିଧାରେ ଯାତାୟାତ




କରିବାକୁ ଏହି ସ୍ୱତନ୍ତ୍ର ଟ୍ରେନ ମାନଙ୍କ ଉପରେ ନିର୍ଭରଶୀଳ ହୋଇପାରିବେ । ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ ସେବା ଏହାର ସୁବିଧାଜନକ କାର୍ଯ୍ୟସୂଚୀରେ କାର୍ଯ୍ୟ କରିବ, ଯାତ୍ରୀମାନଙ୍କୁ ସେମାନଙ୍କ ପସନ୍ଦ ଅନୁଯାୟୀ ଯାତ୍ରା ଯୋଜନା କରିବାକୁ ସହାୟତା କରିବ । ସାପ୍ତାହିକ ଛୁଟି ହେଉ କିମ୍ବା ବର୍ଦ୍ଧିତ ଛୁଟିଦିନ; ସ୍ୱତନ୍ତ୍ର ଟ୍ରେନ ଯାତ୍ରୀମାନଙ୍କର ସୁବିଧାଜନକ ଯାତ୍ରା ପାଇଁ ଉପଯୁକ୍ତ ସମାଧାନ ପ୍ରଦାନ କରିବ ।

ପୂର୍ବତଟ ରେଳପଥ ପକ୍ଷରୁ ଘୋଷଣା କରାଯାଇଥିବା ବିଭିନ୍ନ ଗ୍ରୀଷ୍ମ କାଳୀନ ସ୍ୱତନ୍ତ୍ର ଟ୍ରେନ ପୁରୀ, ଖୋର୍ଦ୍ଧା ରୋଡ୍, କଟକ, ଭୁବନେଶ୍ୱର, ସମ୍ବଲପୁର, ବ୍ରହ୍ମପୁର, ଶ୍ରୀକାକୁଲମ ଓ ବିଶାଖାପାଟନମ୍‌ରୁ ଚଳାଚଳ କରୁଛି । ଯାତ୍ରୀମାନେ ମଧ୍ୟ ସେହି ଅନୁସାରେ ସେମାନଙ୍କର ଯାତ୍ରା ଯୋଜନା କରିପାରନ୍ତି ଏବଂ ସେମାନଙ୍କ ଗନ୍ତବ୍ୟ ସ୍ଥଳ ପାଇଁ ସେମାନଙ୍କ ନିକଟତମ ଷ୍ଟେସନମାନଙ୍କ ଠାରେ ସ୍ୱତନ୍ତ୍ର ଟ୍ରେନ ଖୋଜିପାରନ୍ତି, ଯେଉଁଠାରେ ସେମାନେ ସେମାନଙ୍କର ଆରାମ ଯାତ୍ରା ପାଇଁ ନିଶ୍ଚିତ ଟିକେଟ ବୁକ୍ ପାଇପାରିବେ ।

ପୁରୀରୁ ପାଟନା, ନିଜାମୁଦ୍ଦିନ, ନୂଆଦିଲ୍ଲୀ, ଆନନ୍ଦ ବିହାର, ଶାଲିମର, ସାନ୍ତ୍ରାଗାଛି, ଉଧନା (ସୁରଟ), ଅହମ୍ମଦାବାଦ ଏବଂ ଭଞ୍ଜପୁର (ବାରିପଦା)କୁ ସ୍ୱତନ୍ତ୍ର ଟ୍ରେନ ପ୍ରଚଳନ ଚଳାଚଳ କରୁଥିବାବେଳେ ଭୁବନେଶ୍ୱରରୁ ଧାନବାଦ, ଯଶବନ୍ତପୁର, ବେଙ୍ଗାଲୁରୁ, ଚେନ୍ନାଇ, ପୁଣେ, ମୁମ୍ବାଇ, ମୁମ୍ବାଇ ଆଡ଼କୁ ସ୍ୱତନ୍ତ୍ର ଟ୍ରେନ ଯାତାୟାତ କରୁଛି । ସେହିଭଳି ସ୍ୱତନ୍ତ୍ର ଟ୍ରେନ ସମ୍ବଲପୁରରୁ ପୁଣେ, ଏରୋଡ, ବାଙ୍ଗାଲୋର, କାଚେଗୁଡ଼ା ଏବଂ ଚେନ୍ନାଇ ଅଭିମୁଖେ ଯାତ୍ରା କରୁଥିବାବେଳେ ଖୋର୍ଦ୍ଧା ରୋଡ୍‌ରୁ ସିକନ୍ଦରାବାଦ ଏବଂ ବେଙ୍ଗାଲୁରୁ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରୁଛି । ସେହିପରି କଟକରୁ ହାଇଦ୍ରାବାଦ ପର୍ଯ୍ୟନ୍ତ; ବ୍ରହ୍ମପୁରରୁ ସୁରଟ, ଅହମ୍ମଦାବାଦ, ସିକନ୍ଦରାବାଦ ଏବଂ କାଚେଗୁଡ଼ା ପର୍ଯ୍ୟନ୍ତ; ଶ୍ରୀକାକୁଲମ ଠାରୁ ତିରୁପତି ପର୍ଯ୍ୟନ୍ତ ସ୍ୱତନ୍ତ୍ର ଟ୍ରେନ ମଧ୍ୟ ଚଳାଚଳ କରୁଛି । ଉପରୋକ୍ତ ବ୍ୟତୀତ ବିଶାଖାପାଟନମ୍‌ରୁ ସିକନ୍ଦରାବାଦ, ବେଙ୍ଗାଲୁରୁ, ତିରୁପତି, କୁର୍ନୁଲ, କୋଲାମ, ହଟିଆ, ଚେନ୍ନାଇ ଏବଂ ସମ୍ବଲପୁର ଅଭିମୁଖେ ସ୍ୱତନ୍ତ୍ର ଟ୍ରେନ୍ ମଧ୍ୟ ଚଳାଚଳ କରୁଛି ।

ଯେହେତୁ ଆମେ ଗ୍ରୀଷ୍ମ ଋତୁରେ ବର୍ତ୍ତମାନ ଉପଯୋଗ କରୁଛୁ, ପୂର୍ବତଟ ରେଳପଥ ଏହାର ମୂଲ୍ୟବାନ ଯାତ୍ରୀଙ୍କ ବିବିଧ ଭ୍ରମଣ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଟ୍ରେନ ସେବା ପ୍ରବର୍ତ୍ତାଇବାରେ ଆନନ୍ଦିତ ଅନୁଭବ କରୁଛି । ଏହା ଏକ ତୀର୍ଥଯାତ୍ରା ହେଉ କିମ୍ବା ଏକ ଅବକାଶ ଛୁଟି କିମ୍ବା ବ୍ୟବସାୟ ଯାତ୍ରା; ସମସ୍ତଙ୍କ ପାଇଁ ଏକ ନିରାପଦ, ଆରାମଦାୟକ ଏବଂ ସୁବିଧାଜନକ ଭ୍ରମଣ ଅଭିଜ୍ଞତା ପ୍ରଦାନ କରିବାକୁ ପୂର୍ବତଟ ରେଳପଥ ପ୍ରତିବଦ୍ଧ । ସ୍ୱତନ୍ତ୍ର ଟ୍ରେନ ଚଳାଇବା ବ୍ୟତୀତ ପୂର୍ବତଟ ରେଳପଥ ଚାହିଦା ଥିବା ଲୋକପ୍ରିୟ ଟ୍ରେନମାନଙ୍କରେ ଅଧିକ କୋଚ୍ ସଂଯୋଗ କରାଇ ଯାତ୍ରୀ ଭିଡ଼ ଏଡ଼ାଇବା ପାଇଁ ପ୍ରୟାସ ଜାରିରଖିଛି ।

# ଟ୍ରାଫିକ୍ ପରିଚାଳନା ଓ ଗଣ୍ଡଗୋଳ ରୋକିବ 'ଏଆଇ' କ୍ୟାମେରା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏଣିକି ଏଆଇ ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଜ୍ଞାନକୌଶଳ ଅଣାଯାଇ ଟ୍ରାଫିକ ବ୍ୟବସ୍ଥାକୁ ସୁଦୃଢ଼ କରାଯାଉଛି । ଗାଡ଼ି ଚଳାଚଳ ଓ ଟ୍ରାଫିକ୍ ପରିଚାଳନାକୁ ସୁଗମ ଓ ସୁବ୍ୟବସ୍ଥିତ କରିବା ଲାଗି ବଡି କ୍ୟାମେରା ଅଣାଯାଇଛି । ଏହା ଦ୍ୱାରା ଅମାନିଆ ଚାଳକଙ୍କ ଗତିବିଧି ଓ ଗଣ୍ଡଗୋଳ ସମୟର ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ଏପରିକି ମହିଳା ଟ୍ରାଫିକ କର୍ମଚାରୀ ସୁରକ୍ଷାକୁ ସୁନିଶ୍ଚିତ କରାଯାଇପାରିଛି । ଏହି କ୍ୟାମେରା ବ୍ୟବସ୍ଥାକୁ ସଶକ୍ତୀକରଣ କରିବା ଆଉ ୧୦୦ଟି ନୂଆ ବଡ଼ି କ୍ୟାମେରା ଆଣିବା ଲାଗି ପ୍ରସ୍ତାବ ଦିଆଯାଇଛି । ଆଧୁନିକୀକରଣ ପାଣ୍ଠିରୁ ଏହି ଟଙ୍କା ଖର୍ଚ୍ଚ ହେବ ବୋଲି ସୂଚନା ମିଳିଛି । ସେହିପରି ଭୁବନେଶ୍ୱର ସହରାଞ୍ଚଳରେ ଟ୍ରାଫିକରେ ୫୦୦ରୁ ଅଧିକ କର୍ମଚାରୀ କାର୍ଯ୍ୟ କରୁଛନ୍ତି । ସମସ୍ତ ଟ୍ରାଫିକ କର୍ମଚାରୀଙ୍କ ଲାଗି ବଡ଼ି କ୍ୟାମେରା ପିନ୍ଧିବା ଲାଗି ବନ୍ଦୋବସ୍ତ କରାଯାଇଛି । ବିଶେଷକରି ଏନ୍‌ଫୋର୍ସମେଣ୍ଟ ଦାୟିତ୍ୱରେ ରହୁଥିବା ଅଧିକାରୀ ବଡି କ୍ୟାମେରା ପରିଧାନ କରିବା ଲାଗି ବାଧ୍ୟତାମୂଳକ କରାଯାଇଛି । ସେହିଭଳି ଭୁବନେଶ୍ୱର ବିଭିନ୍ନ ଛକରେ ୧୫ ଜଣ ଟ୍ରାଫିକ ଭଲ୍ୟୁଣ୍ଟିୟର (ସ୍ୱେଚ୍ଛାସେବୀ)ଙ୍କୁ ମୁତୟନ କରାଯାଇଛି । ଶିକ୍ଷାନୁଷ୍ଠାନ ଖୋଲିବା ପରେ ଆହୁରି ଛାତ୍ରଛାତ୍ରୀମାନେ କାର୍ଯ୍ୟରେ ଯୋଗଦେବେ । ସମସ୍ତ ଟ୍ରାଫିକ ଭଲ୍ୟୁଣ୍ଟିୟରଙ୍କୁ ବଡି କ୍ୟାମେରା ଯୋଗାଇ ଦିଆଯିବ ବୋଲି ବିଶେଷସୂତ୍ରରୁ ସୂଚନା ମିଳିଛି । ଅନ୍ୟପକ୍ଷରେ ଟ୍ରାଫିକ ପୁଲିସ ନିକଟରେ ଏବେ ମାତ୍ର ୧୪୮ଟି ବଡ଼ି କ୍ୟାମେରା ରହିଛି । ଆଗକୁ ନିର୍ବାଚନ ଥିବାରୁ ଗାଡ଼ି ଚଳାଚଳ ସହ ରାଜ୍ୟ ବାହାର ଆଗନ୍ତୁକଙ୍କ ଭିଡ଼ ହେବାର ସମ୍ଭାବନା ରହିଛି । ଛକଗୁଡ଼ିକରେ ସିସିଟିଭି ଖଞ୍ଜାଯିବା ସହ କାର୍ଯ୍ୟରତ ଟ୍ରାଫିକ କର୍ମଚାରୀଙ୍କ ଦେହରେ ବି ବଡି କ୍ୟାମେରା ରହିବ । ରାତି ହେଉ କି ଦିନରେ କାର୍ଯ୍ୟରତ ଟ୍ରାଫିକ କର୍ମଚାରୀମାନେ ପିନ୍ଧି ଟ୍ରାଫିକ ନିୟନ୍ତ୍ରଣ କରିବେ । ଟ୍ରାଫିକ କର୍ମଚାରୀ ଦେହରେ ଏହି କ୍ୟାମେରା ପିନ୍ଧୁଛନ୍ତି । ବଡି କ୍ୟାମେରାରେ ୩ମିନିଟ୍ ଭିଡ଼ିଓ ଏବଂ ଅଡିଓ ରେକର୍ଡିଂ ବ୍ୟବସ୍ଥା ରହିଛି । ଏଥିରେ ଏକ ମେମୋରି ଚିପ୍ ରହିଛି । କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ବଡି କ୍ୟାମେରା ଏକ ସୁଇଚ୍ ଅନ୍ କଲେ ଅଟୋ ରେକର୍ଡିଂ ଆରମ୍ଭ ହେବ । ଫଳରେ ଅପରାଧୀ ତଥା ଉଲ୍ଲଂଘନକାରୀ ସହଜରେ ଖସିପାରିବେ ନାହିଁ । ଏଥିସହ ବହୁଦିନ ଧରି ଏହି ରେକର୍ଡିଂକୁ ହାର୍ଡଡିସ୍କରେ ଗଚ୍ଛିତ କରାଯାଇ ରଖାଯାଉଛି । ଆବଶ୍ୟକସ୍ଥଳେ ଏସବୁକୁ ରେକର୍ଡିଂକୁ କାର୍ଯ୍ୟରେ ଲଗାଯାଉଛି । ବହୁ ସମୟରେ ପୁଲିସ ଆକ୍ରମଣ କରିଥିବା ବ୍ୟକ୍ତିଙ୍କୁ ରେକର୍ଡିଂ ଆଧାରରେ ଗିରଫ କରାଯାଇ ଜେଲ୍ ହାଜତକୁ ପଠାଇ ଦିଆଯାଉଛି । ନିକଟରେ ସହିଦନଗର, ଶ୍ରୀଲିଙ୍ଗରାଜ, ଇନ୍‌ଫୋସିଟି, ଖଣ୍ଡଗିରି, କ୍ୟାପିଟାଲ ଭଳି ଥାନା ଅଞ୍ଚଳରେ ଟ୍ରାଫିକ ପୁଲିସଙ୍କ ଦୁର୍ବ୍ୟବହାର ଅଭିଯୋଗରେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ମୋବାଇଲ୍‌ରେ କଥା ହୋଇ ଗାଡ଼ି ଚଳାଉଛନ୍ତି କିଛି ଅମାନିଆ । ଟ୍ରାଫିକ ଯାଞ୍ଚ ସମୟରେ ଉଲ୍ଲଂଘନକାରୀ ଧରାପଡ଼ିଲେ ଓଲଟା ନାଲି ଆଖି ଦେଖାଉଛନ୍ତି । ନିୟମ ଉଲ୍ଲଂଘନ ବାବଦରେ କିଛି କହିଲେ, ଟ୍ରାଫିକ କର୍ମଚାରୀଙ୍କ ଓ ଉଲ୍ଲଂଘନକାରୀଙ୍କ ମଧ୍ୟରେ ଚୁକ୍ତିତର୍କ ଓ ଠେଲାପେଲା ଲାଗୁଛି । ଘମାଘୋଟ ଆରୋପ ଓ ପ୍ରତ୍ୟାରୋପ ପରେ ଉଲ୍ଲଂଘନକାରୀ ଖୋଜୁଛି ପ୍ରମାଣ । ଅମାନିଆ ଚାଳକ ନାମରେ ଇ-ଚାଲାଣ କାଟିବା ପରେ ଆରମ୍ଭ ହେଉଛି ବଳିଷ୍ଠ ପ୍ରମାଣ ଖୋଜା । ଏହାକୁ ଚାଲେଞ୍ଜ କରି କୋର୍ଟର ଦ୍ୱାରସ୍ଥ ହେଉଛନ୍ତି ଉଲ୍ଲଂଘନକାରୀ । ସେଇ ସମୟରେ କୋର୍ଟ ଏହାର ପ୍ରମାଣ ସ୍ୱରୂପ ଭିଡ଼ିଓ କ୍ଲିପ ମାଗି ଟ୍ରାଫିକ କର୍ମଚାରୀଙ୍କୁ କାଠଗଡ଼ାକୁ ଟାଣୁଛି । ପରେ ବଡି କ୍ୟାମେରାରେ ରେକର୍ଡିଂ ହୋଇଥିବା ଭିଡିଓ ଓ ଅଡିଓକୁ କୋର୍ଟରେ ଦାଖଲ କରାଯାଉଛି । ଏମିତି ଭାବେ ଗଲାବର୍ଷ ଭିତରେ ୧୦୭୫ରୁ ଅଧିକ ଅଭିଯୋଗ ଉପରେ ପୁଲିସକୁ କୋର୍ଟରେ ସବୁଜ ସଙ୍କେତ ମିଳିବା ସହ ଉଲ୍ଲଂଘନକାରୀଙ୍କ ଅସଲ ମୁଖା ପଦାକୁ ଆସୁଛି । ତେବେ ବଡି କ୍ୟାମେରାରେ କଏଦ୍ ହୋଇଥିବା ଭିଡିଓ ଓ ଅଡିଓ ଜରିଆରେ ଅଭିଯୋଗ କରିଥିବା ବ୍ୟକ୍ତିଙ୍କ ଠାରୁ ଜରିମାନା ସହ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

# 'ବିକଶିତ ଭାରତ ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମରେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଯୋଗଦାନ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ନୋସି ସମ୍ମିଳନୀ କକ୍ଷରେ ବିକଶିତ ଭାରତ ବିକଶିତ ଓଡ଼ିଶା ନାମକ ଏକ ଆଲୋଚନା ଚକ୍ରରେ ଲୋକସଭାର ବାଚସ୍ପତି ଓମ୍ ବିର୍ଲା ଯୋଗଦେଇଥିଲେ । ନୋସି ହେଲିପ୍ୟାଡ୍‌ରେ ଅବତରଣ କରିବା ସମୟରେ ଓମ୍ ବିର୍ଲାଙ୍କୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରେମୁଣା ବିଧାୟକ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସ ଓ ସଦର ବିଧାୟକ ପ୍ରାର୍ଥୀ ମାନସ କୁମାର ଦତ୍ତ ସ୍ୱାଗତ କରିଥିଲେ । ସ୍ୱାଧୀନତାର ୭୫ ବର୍ଷ ପରେ ପ୍ରଥମ ଥରପାଇଁ ଜଣେ ଲୋକସଭାର ବାଚସ୍ପତି ବାଲେଶ୍ୱର ମାଟିରେ ପାଦ ଦେଇଥିବାରୁ ସଂସଦୀୟ କ୍ଷେତ୍ର ସମେତ ସମଗ୍ର ଜିଲ୍ଲା ନିଜକୁ ଗୌରବାନ୍ୱିତ ମନେକରୁଛି ବୋଲି ସାଂସଦ ଶ୍ରୀ ଷଡ଼ଙ୍ଗୀ କହିଛନ୍ତି । କାର୍ଯ୍ୟକ୍ରମରେ ମମତା ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଜୟ ଅଗ୍ରୱାଲ ତାଙ୍କ ବକ୍ତବ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଓଡ଼ିଶା ପ୍ରତି ପ୍ରାଧାନ୍ୟ ବିଷୟରେ ଆଲୋଚନା କରିଥିଲେ । ରେମୁଣା ବିଧାୟକ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସ ଓ ସଦର ବିଧାୟକ ପ୍ରାର୍ଥୀ ମାନସ କୁମାର ଦତ୍ତ ସେମାନଙ୍କ ବକ୍ତବ୍ୟରେ ରାଜ୍ୟ ପାଇଁ ଓ ନିଜ ନିଜ ବିଧାନସଭା ମଣ୍ଡଳୀ ପାଇଁ କେନ୍ଦ୍ରୀୟ ଯୋଜନା ବିଷୟରେ ବିସ୍ତାରିତ ଭାବେ କହିଥିଲେ । ତା' ସହିତ ଆଗାମୀ ଦିନରେ ତାଙ୍କର ସଂକଳ୍ପ ବିଷୟରେ କହିଥିଲେ । ଏହା ପରେ ବାଲେଶ୍ୱର ମାଟିର ବରପୁତ୍ର ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉପସ୍ଥିତ ବକ୍ତାଙ୍କୁ ନମସ୍କାର କରି ତାଙ୍କ ବକ୍ତବ୍ୟ ଆରମ୍ଭ କରିଥିଲେ । ସେ ଓଡ଼ିଆ ଅସ୍ମିତା ଆଜି ବିପଦରେ, ମହାପ୍ରଭୁଙ୍କ ରତ୍ନଭଣ୍ଡାରର ସ୍ଥିତି ବିଷୟରେ ଚିନ୍ତା ପ୍ରକଟ କରିଥିଲେ । ମୋଦିଜୀଙ୍କ ପାଇଁ କେବଳ ଭାରତୀୟ ଅର୍ଥନୀତି ୧୧ ସ୍ଥାନରୁ ୫ ନମ୍ବରକୁ ଆସିନାହିଁ, ସାମରିକ, ସାମାଜିକ, ବୈଦେଶିକ, ସାଂସ୍କୃତିକ କ୍ଷେତ୍ରରେ ଆମ ଦେଶର ସମ୍ମାନ ଆଜି ଶୀର୍ଷରେ ପହଞ୍ଚିଛି । ଆଗାମୀ ସାଧାରଣ ନିର୍ବାଚନରେ ମୋଦିଙ୍କ ଆହ୍ୱାନ ଅବ କି ବାର ୪୦୦ ପାର ଓ ଓଡ଼ିଶାରେ ବିଜେପି ସରକାରକୁ ସାକାର କରିବା ପାଇଁ ଅନୁରୋଧ ରଖିଥିଲେ । ସର୍ବଶେଷରେ ମୁଖ୍ୟ ଅତିଥି ଓମ୍ ବିର୍ଲା ସଭାକୁ ସମ୍ବୋଧିତ କରି ବିଗତ ଦଶ ବର୍ଷରେ ଭାରତର ବିକାଶର ଗାଥା ଗୋଟିଏ ପରେ ଗୋଟିଏ ବିସ୍ତୃତ ଭାବେ କହିଥିଲେ । ଗୋଟିଏ ସମୟ ଥିଲା ଭାରତ ସାମରିକ କ୍ଷେତ୍ରରେ ଆମେରିକା, ରୁଷ୍, ଇଂଲଣ୍ଡ, ଇଉରୋପ, ଫ୍ରାନ୍ସ, ଜାପାନ, ଜର୍ମାନୀ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିଲା । ମୋଦିଜୀଙ୍କ ସଂକଳ୍ପ ଯୋଗୁ ସାମରିକ କ୍ଷେତ୍ରରେ ଆମେ ୮୦% ଆତ୍ମନିର୍ଭରଶୀଳ ହୋଇପାରିଛୁ, ତତ୍‌ସହିତ ରପ୍ତାନି କରୁଛୁ । ୨୦୧୪ ପୂର୍ବରୁ ଦେଶରେ ଆତଙ୍କବାଦୀ ଘଟଣା ପ୍ରତିଦିନ ଘଟୁଥିବା ବେଳେ ମୋଦିଜୀ ଆତଙ୍କବାଦୀ, ମାଓବାଦୀଙ୍କ କାର୍ଯ୍ୟକଳାପକୁ ସଙ୍କୋଚିତ କରି ପାରିଛନ୍ତି । ବିକଶିତ ଭାରତ ବିକଶିତ ଓଡ଼ିଶା ପାଇଁ ନୂଆ ଯୋଜନା, ନୂଆ ଉଦ୍ୟୋଗୀ ସୃଷ୍ଟି କରିବା ପାଇଁ କେନ୍ଦ୍ର ସରକାର ବିପୁଳ ସମ୍ଭାବନା ସୃଷ୍ଟି କରିଛନ୍ତି । ସେ ଆହୁରି କହିଥିଲେ ଓଡ଼ିଶାର ଲୋକ ନବୀନ ସରକାରକୁ ହଟାଇ ପରିବର୍ତ୍ତନ ଚାହୁଁଛନ୍ତି । ବାଲେଶ୍ୱରରେ ଡବଲ ଇଞ୍ଜିନ ସରକାର ପାଇଁ ଆହ୍ୱାନ କରି ବକ୍ତବ୍ୟ ସମାପ୍ତ କରିଥିଲେ । ବିକଶିତ ଭାରତ ବିକଶିତ ଓଡ଼ିଶା ସଭାକାର୍ଯ୍ୟକୁ ସଂଯୋଜକ ମୋହିତ ପୋଦାର ଓ ମମତା ମହାପାତ୍ର ପରିଚାଳନା କରିଥିଲେ ।

# ଜିଲ୍ଲାରେ ଦିବ୍ୟାଙ୍ଗ ଏବଂ ବୟୋବୃଦ୍ଧମାନଙ୍କ ପାଇଁ ପୋଷ୍ଟାଲ ବାଲଟ ମାଧ୍ୟମରେ ମତଦାନ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଦେଶରେ ଏଥର ପ୍ରଥମ ଥର ପାଇଁ ସାଧାରଣ ନିର୍ବାଚନରେ ନିର୍ବାଚନ କମିଶନ ଦିବ୍ୟାଙ୍ଗ ଏବଂ ବୟୋବୃଦ୍ଧମାନଙ୍କ ପାଇଁ ପୋଷ୍ଟାଲ ବାଲଟ ମାଧ୍ୟମରେ ମତଦାନ ସୁବିଧାର ଆରମ୍ଭ କରିଛନ୍ତି । ଏହି କ୍ରମରେ ଜିଲ୍ଲାରେ ୪୦ ପ୍ରତିଶତରୁ ଅଧିକ ଅକ୍ଷମତା ଥିବା ଦିବ୍ୟାଙ୍ଗ ଏବଂ ୮୫ ବର୍ଷରୁ ଅଧିକ ବୟୋବୃଦ୍ଧମାନଙ୍କ ପାଇଁ ପୋଷ୍ଟାଲ ବାଲଟ ମାଧ୍ୟମରେ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇ ଯାଇଛି । ଏହି ବର୍ଗର ଯେଉଁମାନେ ମତଦାନ କରିବା ପାଇଁ ଆଗ୍ରହୀ ଅଥଚ ଶାରୀରିକ ଅକ୍ଷମତା ପାଇଁ ଭୋଟ ଗ୍ରହଣ କେନ୍ଦ୍ରକୁ ଯାଇ ପାରିବେ ନାହିଁ, ସେମାନେ ପୂର୍ବରୁ ୧୨-ଡି ଫର୍ମରେ ଏଥିପାଇଁ ଆବେଦନ କରିଥିଲେ । ଅତିରକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ରାଜେନ୍ଦ୍ର ମାଝୀଙ୍କ ତତ୍ତ୍ୱାବଧାନରେ ସୋନପୁର ନିର୍ବାଚନ ମଣ୍ଡଳୀ ପାଇଁ ୫ଟି ଟିମ୍ ଏବଂ ବୀରମହାରାଜପୁର ସଂରକ୍ଷିତ ନିର୍ବାଚନ ମଣ୍ଡଳୀ ପାଇଁ ୪ଟି ଟିମ୍ ନିର୍ଦ୍ଦିଷ୍ଟ ଗାଁ ଗାଁ ବୁଲି ମତଦାନ ଗ୍ରହଣ କରୁଛନ୍ତି । ପ୍ରତି ଟିମ୍‌ରେ ଦୁଇଜଣ ପୋଲିଂ ଅଫିସର, ଜଣେ ମାଇକ୍ରୋ ଅବ୍‌ଜରଭର୍, ଜଣେ ଭିଡିଓ ଗ୍ରାଫର, ଦୁଇ ଜଣ ସିକ୍ୟୁରିଟି ଗାର୍ଡ ରହି ଶାନ୍ତି ଶୃଙ୍ଖଳାର ସହିତ ପୋଷ୍ଟାଲ ମତଦାନ ଗ୍ରହଣ କରୁଛନ୍ତି । ଏହି ପ୍ରକ୍ରିୟାରେ ସମସ୍ତ ପ୍ରକାର ପାରଦର୍ଶିତା ଅନୁପାଳନ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଜିଲ୍ଲାର ଉଭୟ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏହି ବର୍ଗରେ ସମୁଦାୟ ୭୪ ଜଣ ମତଦାତା ରହିଛନ୍ତି । ୬୪-ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୨ ଜଣ ବୟୋବୃଦ୍ଧ ଓ ୧୦ ଜଣ ଦିବ୍ୟାଙ୍ଗ ମତଦାତା ୧୨ ଡି ଫର୍ମରେ ଆବେଦନ କରିଛନ୍ତି । ସେହିପରି ୬୫ ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୩୮ ଜଣ ବୟୋବୃଦ୍ଧ ମତଦାତା ଓ ୧୪ ଜଣ ଦିବ୍ୟାଙ୍ଗ ମତଦାତା ଫର୍ମ ୧୨ ଡି ରେ ଆବେଦନ କରିଥିବା ସୂଚନା ରହିଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିଜୁ ଜନତା ଦଳ ସରକାର...

ରାଉରକେଲାକୁ ଦେଖିଲେ ବୁଝାପଡ଼େ । ହକି ବିଶ୍ୱକପ୍ ଆୟୋଜନ ବହୁ କଠିନ କାମ ଥିଲା । ମୁଖ୍ୟମନ୍ତ୍ରୀ ଦିନରାତି କଠିନ ପରିଶ୍ରମ କରି ଏହାକୁ ସଫଳ କରିଥିଲେ । ରାଉରକେଲ ଓ ସୁନ୍ଦରଗଡ଼ର ଗୌରବ ବୃଦ୍ଧି କରିଛନ୍ତି ମୁଖ୍ୟମନ୍ତ୍ରୀ । ଶ୍ରୀ ପାଣ୍ଡିଆନ କହିଲେ ଯେ ନବୀନ ବାବୁ ଆପଣମାନଙ୍କ ପାଇଁ ନୂଆ ରାଉରକେଲା, ନୂଆ ରଘୁନାଥପାଲ୍ଲୀ ଗଠନ କରିବେ । ବିଜେପିକୁ ଆକ୍ରମଣ କରି ଶ୍ରୀ ପାଣ୍ଡିଆନ କହିଲେ ଯେ ତାଙ୍କ ନେତାଙ୍କୁ ପଚାରନ୍ତୁ ଯେ ପେଟ୍ରୋଲ, ଡିଜେଲ ଦର କମିଲା କି ? ରାଉରକେଲାରେ ସୁପର ସ୍ପେଶାଲିଟି ହସ୍‌ପିଟାଲ ହେଲା କି ? କିଛି ହେଲା ନାହିଁ । ମୁଖ୍ୟମନ୍ତ୍ରୀ ଯାହା କହିଥାନ୍ତି ତାକୁ କାମରେ କରି ଦେଖାଇଥାନ୍ତି । ତା'ର ଉଦାହରଣ ଜିଲା ସଦର ମହକୁମା ଡାକ୍ତରଖାନା ଏବଂ ବିଶ୍ୱସ୍ତରୀୟ ହକି ଷ୍ଟାଡିୟମ । ସେ ପୁଣି କହିଥିଲେ ଯେ ଜୁନ୍ ୯ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକ ପୁଣି ଥରେ ଶପଥ ନେବେ । ପ୍ରଥମ ଦସ୍ତଖତରେ ବିଜୁଳି ବିଲ୍ ଛାଡ଼ କରିବେ, ବିଜୁଳି ବିଲ୍ ଛାଡ଼ ଯୋଗୁଁ ୯୦ ପ୍ରତିଶତ ପରିବାର ଉପକୃତ ହେବେ । ଦ୍ୱିତୀୟ ଦସ୍ତଖତରେ ବି.ଏସ୍.କେ.ୱାଇ କାର୍ଡ ନଥିବା ଲୋକ କାର୍ଡ ପାଇବେ । ବି.ଏସ୍.କେ.ୱାଇରେ ସରକାରୀ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଅଙ୍ଗନବାଡ଼ି, ଆଶାକର୍ମୀ ପର୍ଯ୍ୟନ୍ତ ସମସ୍ତେ ସାମିଲ ହେବେ । ସେ କହିଲେ ଯେ ଆପଣମାନେ ଜଣକୁ ୨୦ ବର୍ଷ ହେଲା ସଂସଦକୁ ପଠାଉଛନ୍ତି । ସେ ଆପଣଙ୍କ ପାଇଁ କିଛି କରିଛନ୍ତି କି ? କିନ୍ତୁ ନବୀନ ବାବୁ ଆପଣଙ୍କ ପାଇଁ ବହୁତ କିଛି କରିଛନ୍ତି । ପ୍ରତି ବ୍ଲକରେ ଆଷ୍ଟ୍ରୋଟର୍ଫ ହକି ପଡ଼ିଆ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ସ୍ୱାସ୍ଥ୍ୟ ସେବା ସୁବିଧା, ଉନ୍ନତ ଶିକ୍ଷା ବ୍ୟବସ୍ଥା ସବୁ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ହାତମୁଠା ଟାଣ ହେଲେ ରାଉରକେଲା, ସୁନ୍ଦରଗଡ଼ର ବିକାଶ ପାଇଁ ଯାହା ବି କାମ ହୋଇଛି, ତା' ଦୁଇ ଗୁଣ ବେଗରେ ଚାଲିବ । ଏହି ସଭାରେ ବିଜୁ ଜନତା ଦଳର ସାଂସଦ ଓ ବିଧାୟକ ପ୍ରାର୍ଥୀମାନଙ୍କୁ ବିପୁଳ ଭୋଟରେ ଜିତେଇବା ପାଇଁ ସେ ଅନୁରୋଧ କରିଥିଲେ । ତା'ପରେ ଦଳୀୟ ସାଂସଦ ପ୍ରାର୍ଥୀ ଯୋଗେଶ ସିଂହ, ରାଉରକେଲା ବିଧାୟକ ପ୍ରାର୍ଥୀ ସାରଦା ନାୟକ ଓ ଲୋକସଭା କ୍ଷେତ୍ରର ଅନ୍ୟ ବିଧାନସଭା ପ୍ରାର୍ଥୀମାନେ ବିଜେଡିକୁ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ନିବେଦନ କରିଥିଲେ ।

## ମୁଖ୍ୟମନ୍ତ୍ରୀ ବଡବଡ ମହାବାତ୍ୟା ଦେଖିଛନ୍ତ...

ରାଜ୍ୟ ବିଜେପିକୁ ବୁଷ୍ଟର ଡୋଜ୍ ଦେବାକୁ ଚେଷ୍ଟା କରୁଛନ୍ତି । ପ୍ରଥମ ଡୋଜ୍, ୨ୟ ଡୋଜ୍ ଏବଂ ୩ୟ ଡୋଜ୍ ଦେବାକୁ ଜୋରଦାର ପ୍ରୟାସ କରୁଛନ୍ତି । କିନ୍ତୁ ସେମାନଙ୍କ ଡୋଜ କିଛି କାମ କରିବନି । ମୁଁ ନିଶ୍ଚିତ ନବୀନ ବାବୁ ବିପୁଳ ବହୁମତରେ ଜିତୁଛନ୍ତି ଏବଂ ଜୁନ ୯ରେ ଶପଥ ନେଉଛନ୍ତି ବୋଲି ପାଣ୍ଡିଆନ ଦମ୍ଭର ସହ କହିଛନ୍ତି ।

## ଦ୍ୱିତୀୟ ପର୍ଯ୍ୟାୟ ତାତି ବଢ଼ିଲା...

ଦଳୀୟ କର୍ମଶାଳାରେ ଯୋଗ ଦେଇଛନ୍ତି । ସେ ଗୁରୁବାର ବରଗଡ଼ ଜିଲ୍ଲା ପଦ୍ମପୁର ଓ ସୁନ୍ଦରଗଡ଼ରେ ହେବାକୁ ଥିବା ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ସେହିପରି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବୁଧବାର ଦିନ ଅନୁଗୁଳ ଗସ୍ତ କରି ସେଠାରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ମାରାଥନ୍ ପ୍ରଚାର କରିଥିଲେ । ନବୀନ ପୁଣି ଶୁକ୍ରବାର ସମ୍ବଲପୁର ଯିବେ ।

## ସିଲଭର ସିଟି'ରେ ଅମିତ ଶାହଙ୍କ...

ପର୍ଯ୍ୟନ୍ତ ଯାଇଥିଲା । ରୋଡ ସୋ'କାର୍ଯ୍ୟକ୍ରମ ସାରି କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହ ଭୁବନେଶ୍ୱର ଫେରିଥିଲେ । ଶ୍ରୀ ଶାହଙ୍କ ପାଇଁ କମିଶନରେଟ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

## ନିର୍ବାଚନ ଇତିହାସ ସୃଷ୍ଟି କଲା...

୨୦୧୯ ନିର୍ବାଚନରେ ଭୋଟର ଥିଲେ ୧୮,୫୨୭ । କିନ୍ତୁ ଭୋଟ ଦେଇଥିଲେ ୪,୮୩୭ ଜଣ ଭୋଟର । ମାତ୍ର ୨୬ ପ୍ରତିଶତ ଭୋଟିଂ ହୋଇଥିଲା । ୨୦୧୯ ନିର୍ବାଚନରେ ୧୨ଟି ବୁଥରେ ନିର୍ବାଚନ ହୋଇପାରିନଥିଲା । ଅନ୍ୟ ୧୧ଟି ବୁଥରେ କମ୍ ସଂଖ୍ୟକ ଲୋକେ ନକ୍ସଲ ଭୟରେ ଆସିଥିଲେ । ସ୍ୱାଭିମାନ ଅଞ୍ଚଳରେ ମହିଳା ଭୋଟରଙ୍କ ସଂଖ୍ୟା ୧୦,୨୫୪ ଥିବା ବେଳେ ନୂତନ ଭୋଟର ୬୩୯ ରହିଛନ୍ତି । ନକ୍ସଲଙ୍କ ଆଡ୍ଡା ଭାବେ ପରିଚିତ ଯନ୍ତ୍ରୀରେ ୭୫ ପ୍ରତିଶତ ଭୋଟିଂ ହୋଇଥିବା ବେଳେ ସନ୍ୟାସୀଗୁଡାରେ ୬୮ ପ୍ରତିଶତ ଭୋଟିଂ ହୋଇଥିଲା । ଯାହାକି ଇତିହାସ ପାଲଟିଲା । ଯନ୍ତ୍ରୀ ପଞ୍ଚାୟତର ଏହି ଦୁଇଟି ବୁଥରେ ପ୍ରାୟ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଲୋକେ ମତଦାନ କରିନଥିବା ବେଳେ ଏଥର ସୁରକ୍ଷାକୁ କଡାକଡି କରାଯିବାରୁ ଲୋକେ ନକ୍ସଲକୁ ଭୟ ନକରି ଭୋଟ ଦେଇଥିଲେ । ଏଥିପାଇଁ ସମସ୍ତ ଶ୍ରେୟ ବିଡିଓ ତନ୍ମୟ ପାତ୍ର, ଜିଲ୍ଲାପାଳ ସଚିନ ପାୱାର ଏବଂ ଏସ୍‌ପି ନୀତିଶ ୱାଧାନିଙ୍କୁ ଯିବ । କିନ୍ତୁ ବିଏସଏଫ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ମଧ୍ୟ ପ୍ରଶଂସା କରାଯାଇଛି ।

## ୩ ଦିନ ରାଜ୍ୟରେ ବିକ୍ଷିପ୍ତ...

ଗ୍ରୀଷ୍ମ ପ୍ରବାହ । ବଲାଙ୍ଗୀର, ବରଗଡ଼ ଆଦି ଜିଲ୍ଲାରେ ରହିପାରେ ଗ୍ରୀଷ୍ମ ଲହରୀ । ଏହି ଜାଗାରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ତା' ଠାରୁ ଅଧିକ ରହିପାରେ । ଏହା ସହ ଅପରାହ୍ନ ପରେ ବର୍ଷା ହେବା ନେଇ ମଧ୍ୟ ଆକଳନ କରାଯାଇଛି । ତେଣୁ ପିକ ଆୱାର୍ ପୂର୍ବରୁ ଭୋଟ ଦେବାକୁ ପରାମର୍ଶ ଦିଆଯାଇଛି । ଏହା ସହ ଦିନ ୧୧ଟାରୁ ୩ଟା ଭିତରେ ଭୋଟ ଦେବାକୁ ଯାଉଥିଲେ ଛତା, ପାଣି ବୋତଲ ଭଳି ଆବଶ୍ୟକ ଜିନିଷ ନେଇ ଯିବାକୁ ପରାମର୍ଶ ଦିଆଯାଇଛି ।

## ଆମ ପାଖରେ ଓଡ଼ିଶା ପାଇ...

ବିଜେପି ମୁଖ୍ୟମନ୍ତ୍ରୀ ଶପଥ ନେବାର ୬ ଘଣ୍ଟା ମଧ୍ୟରେ ଖୋଲିବ ୪ ଦ୍ୱାର । ୧ ମାସ ମଧ୍ୟରେ ରତ୍ନଭଣ୍ଡାର ଯାଞ୍ଚ ରିପୋର୍ଟ ସାର୍ବଜନୀନ ହେବ ବୋଲି ଶାହ କହିଛନ୍ତି ।

## ନବୀନ ହାୱା ଦେଖି ବିରୋଧୀ...

ନିର୍ବାଚନ ପରିପ୍ରେକ୍ଷୀରେ ଜାତୀୟ ଦଳର ନେତାମାନେ ଓଡ଼ିଶାକୁ ଘନଘନ ଆସି ଦଳୀୟ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର ଚଳାଇଥିଲେ ମଧ୍ୟ ତାହାର କୌଣସି ବିଶେଷ ପ୍ରଭାବ ପଡ଼ିବନାହିଁ ବୋଲି ରାଜନୈତିକ ସମୀକ୍ଷକ କହିଛନ୍ତି ।

ବର୍ଷ ବର୍ଷ ଧରି ଓଡ଼ିଶାକୁ ଆସି ନ ଥିବା ଏହି ନେତାମାନେ ଏବେ ନିର୍ବାଚନ ସମୟରେ ଆସି ଯେଉଁପ୍ରକାର ପ୍ରଚାର କରୁଛନ୍ତି ତାହାର କୌଣସି ସୁଫଳ ମିଳିବନାହିଁ । ସେମାନେ ଏଠାକାର ନବୀନ ସରକାରଙ୍କ ବିରୋଧରେ ଯେତେ ଯାହା ପ୍ରଚାର କଲେ ମଧ୍ୟ ଲୋକେ ତାହାକୁ ସହଜରେ ଗ୍ରହଣ କରିବେନାହିଁ । କାରଣ ନିର୍ବାଚନ ସରିଗଲା ପରେ ସେମାନଙ୍କର ଆଉ ଦେଖାଦର୍ଶନ ମିଳିବ ନାହିଁ । ଲୋକଙ୍କୁ ମିଛକଥା ଓ ପ୍ରତିଶ୍ରୁତି ଦେଇ ଭୁଲେଇବା ପାଇଁ ଯେତେ ଚେଷ୍ଟା କଲେ ବି କିଛି ଫରକ୍ ପଡ଼ିବ ନାହିଁ । କାରଣ ଓଡ଼ିଶା ଲୋକେ ଭଲଭାବେ ଜାଣିଛନ୍ତି ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବେ ଦୀର୍ଘ ୨୪ ବର୍ଷ ଧରି ଓଡ଼ିଶାର ବିକାଶ ପାଇଁ ନିରନ୍ତର ଉଦ୍ୟମ ଚଳାଇରଖିଛନ୍ତି ଏବଂ ରାଜ୍ୟବାସୀଙ୍କ ଉନ୍ନତି ପାଇଁ କାମ କରୁଛନ୍ତି । ମୁଖ୍ୟମନ୍ତ୍ରୀ ଓଡ଼ିଶାର ସାଢ଼େ ଚାରିକୋଟି ଲୋକଙ୍କୁ ପରିବାର ବୋଲି ମଣନ୍ତି । ସେମାନଙ୍କ ସହିତ ରହିଛନ୍ତି ଏବଂ ସେମାନଙ୍କୁ ଭଲପାଆନ୍ତି । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଲୋକମାନଙ୍କର ଆସ୍ଥା ଓ ବିଶ୍ୱାସ ଅତୁଟ ରହିଛି ଏବଂ ସେଥିପାଇଁ ପ୍ରତିଥର ନିର୍ବାଚନରେ ସମର୍ଥନ ଦେଇ ଆସୁଛନ୍ତି ଏବଂ ଏଥର ନିର୍ବାଚନରେ ମଧ୍ୟ ତା'ର ପ୍ରତିଫଳନ ଦେଖିବାକୁ ମିଳିବ ବୋଲି ସମୀକ୍ଷକ କହିଛନ୍ତି । ନିର୍ବାଚନ ସମୟରେ ପ୍ରଚାର ପାଇଁ ଆସୁଥିବା ଜାତୀୟ ଦଳର ନେତାମାନେ ବିଶେଷକରି ବିଜେପିର ବଡ଼ବଡ଼ ନେତାମାନେ ଓଡ଼ିଶାରେ ସେମାନଙ୍କ ଦଳର ହାୱା ସୃଷ୍ଟି ହୋଇଥିବା କଥା ଯେମିତି ପ୍ରଚାର କରୁଛନ୍ତି ତାହାର କୌଣସି ମାନେ ନାହିଁ । ଏଠି ଓଡ଼ିଶାରେ କେବଳ ନବୀନ ଓ ନବୀନଙ୍କ ବିକାଶ ହାୱା ଚାଲିଛି । ତା'ଆଗରେ ଆଉ କୌଣସି ହାୱା ରହିବ ନାହିଁ । ସବୁ ଉଡ଼ିଯିବ ବୋଲି ସମୀକ୍ଷକ କହିଛନ୍ତି । ଅନପକ୍ଷରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଧ୍ୟ ଅନୁରୂପ ମତ ରଖିଛନ୍ତି । ସେ କହିଛନ୍ତି ଓଡ଼ିଶାରେ ନବୀନ ହାୱା ଛଡ଼ା ଅନ୍ୟ କୌଣସି ଦଳର ହାୱା ନାହିଁ । କାରଣ ଏଠାରେ ନବୀନଙ୍କ ଦୃଢ଼ ନେତୃତ୍ୱରେ ଓଡ଼ିଶାର ବିକାଶ କାର୍ଯ୍ୟକ୍ରମ ଜାରି ରହିଛି, ଯାହାକୁ ଲୋକେ ସମର୍ଥନ ଓ ସହଯୋଗ ଦେଇଆସିଛନ୍ତି । ନବୀନଙ୍କ ନେତୃତ୍ୱ ଉପରେ ଲୋକେ ଭରସା ରଖିଛନ୍ତି ବୋଲି ସେ କହିଛନ୍ତି ।

# ମାତୁଛନ୍ତି ଭଣ୍ଡବାବା : ତାତୁଛନ୍ତି ଜନତା

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଜଣେ ଭଣ୍ଡବାବାଙ୍କ କଳା କାରନାମା ପଦାରେ ପଡ଼ିଛି । ଏହି ଘଟଣାକୁ ନେଇ ସାଧାରଣରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । ତେବେ ବାବାଙ୍କର ଏହି କେଲେଙ୍କାରୀକୁ ନେଇ ସାଧାରଣରେ ନିନ୍ଦା କରାଯାଇଛି । ଦୀର୍ଘ ଦିନ ହେଲା ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ବହୁ ଭଣ୍ଡ ବାବାଙ୍କ କଳାକାରାନାମା ବୃଦ୍ଧି ପାଇବାରେ ଲାଗିଛି । ବାବାମାନେ ବିଭିନ୍ନ ସ୍ଥାନରେ ମଠ ମନ୍ଦିର ପ୍ରତିଷ୍ଠା କରି ଲୋକଙ୍କ ସରଳତାର ସୁଯୋଗ ନେଇ ସେମାନଙ୍କ ଠାରୁ ଆର୍ଥିକ ଶୋଷଣ କରୁଥିବାର ଅଭିଯୋଗ ହୋଇଛି । ଏପରିକି ଏହି ଭଣ୍ଡବାବାମାନେ ନାମୀ ଦାମୀ ଗାଡ଼ି ବ୍ୟବହାର କରୁଥିଲା ବେଳେ ଅୟସରେ ଦିନ କାଟୁଥିବାର ଦେଖିବାକୁ ମିଳିଛି । ଏପରିକି ଏହି ବାବାମାନେ ବିରାଟ ବିରାଟ ଅଟ୍ଟାଳିକା ନିର୍ମାଣ କରି ଶୀତତାପ ନିୟନ୍ତ୍ରୀତ ଘରେ ବାସ କରୁଥିବାର ଦେଖିବାକୁ ମିଳିଛି । ସେହିପରି ଭାବେ ଏହି ବାବାମାନେ ଅମାପ ଧନ ସମ୍ପତ୍ତିର ଅଧିକାରୀ ମଧ୍ୟ ହୋଇଥିବାର ଜଣାଯାଇଛି । ଏହି ଭଣ୍ଡବାବାମାନେ ବିଭିନ୍ନ ଯୁବତୀ ଓ ମହିଳାମାନଙ୍କୁ ବିବାହ କରାଇଦେବା, ସେମାନଙ୍କ ଦାମ୍ପତ୍ୟ ଜୀବନକୁ ସୁଖମୟ କରିବା, ବିଭିନ୍ନ ଦେଷାଦୋଷକୁ ପରିହିତ କରିବା ଇତ୍ୟାଦି ସମସ୍ୟାର ସମାଧାନ ନିମନ୍ତେ ସେମାନଙ୍କୁ ନିର୍ଭର ପ୍ରତିଶୃତି ଦେଉଛନ୍ତି । ଯୁବତୀ ଓ ମହିଳାମାନଙ୍କ ସରଳାତାର ସୁଯୋଗନେଇ ସେମାନଙ୍କୁ ଆର୍ଥିକ ଶୋଷଣ କରିବାକୁ ପଛାଉ ନ ଥିବାର ଜଣାଯାଇଛି । ଏପରିକି ଏହି ଯୁବତୀ ଓ ମହିଳାମାନଙ୍କୁ ପ୍ରଲୋଭନ ଦେଖାଇ ଆପତି ଜନକ କାର୍ଯ୍ୟକଳାପ କରୁଥିବା ଜଣାଯାଇଛି । ଏପରିକି ସମ୍ପୃକ୍ତା ମହିଳାମାନଙ୍କ ସରଳତାର ସୁଯୋଗନେଇ ସେମାନଙ୍କ ଅନ୍ତରଙ୍ଗ ମୂହୁର୍ତ୍ତର ଫଟୋକୁ ମୋବାଇଲ ଯୋଗେ କଏଦ୍ କରି ରଖିବା ସହ ସେମାନଙ୍କୁ ବ୍ଲାକ୍‌ମେଲ୍ କରୁଥିବାର ଜଣାଯାଇଛି । ଲୋକଲଜ୍ଜା ଭୟରେ ସମ୍ପୃକ୍ତା ମହିଳା ଓ ଯୁବତୀମାନେ ମୁହଁ ଖୋଲି ପାରୁନଥିବାର ଜଣାଯାଇଛି । ଏହାର ଏକାଧିକ ନଗ୍ନ ନମୂନା ସ୍ଥାନୀୟ ଅଞ୍ଚଳରେ ଦେଖିବାକୁ ମିଳିଛି । ସେହିପରି ଭାବେ ବିଭିନ୍ନ ଉଚ୍ଚ ଶିକ୍ଷିତ ଯୁବକମାନଙ୍କୁ ଚାକିରି କରାଇଦେବା ଓ ସେମାନଙ୍କ ଆର୍ଥିକ ସମସ୍ୟାର ସମାଧାନ ପ୍ରଲୋଭନ ଦେଖାଇ ଆର୍ଥିକ ଶୋଷଣକରୁଥିବାର ଜଣାଯାଇଛି । ତେବେ ନିଶ୍ଚିନ୍ତକୋଇଲି ଅଞ୍ଚଳର ଏକ ପ୍ରତିଷ୍ଠିତ ମଠରେ ଏଭଳି ଜଣେ ଭଣ୍ଡବାବାଙ୍କ କଳାକାରାନାମା ପଦାରେ ପଡିଛି । ସମ୍ପୃକ୍ତ ବାବା ଜଣେ ଯୁବକକୁ ଚାକିରୀ କରାଇଦେବାର ପ୍ରତିଶୃତି ଦେଇ ତାଙ୍କ ସହ ଅପ୍ରାକୃତିକ ଯୌନକ୍ରିୟାକରି ଚରମ ହଟହଟ୍ଟାର ସମ୍ମୁଖୀନ ହେବା ଘଟଣାଟି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ସେହିପରି ଭାବେ ସ୍ଥାନୀୟ ଅଞ୍ଚଳରେ ଲୁଣାନଦୀ କୂଳରେ ଆଶ୍ରମ କରି ଚିତାଚନ୍ଦନ ବେଶଧାରୀ ଭଣ୍ଡବାବା ବିଭିନ୍ନ ଉପାୟରେ ଲୋକଙ୍କୁ ଠକେଇ କରି ଏକାଧିକବାର ହଟହଟ୍ଟାର ସମ୍ମୁଖୀନ ହେବା ଘଟଣା କାହାରିକୁ ଅଛପା ନାହିଁ । ତେବେ ପ୍ରଶାସନ ତରଫରୁ ସ୍ଥାନୀୟ ଅଞ୍ଚଳର ଭଣ୍ଡବାବାଙ୍କ ଆଶ୍ରମ ଉପରେ ଚଢ଼ଉ କରାଗଲେ ବହୁ ଲୁକ୍କାୟିତ ରହସ୍ୟର ପର୍ଦ୍ଦାଫାର୍ସ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ସଞ୍ଜ ନଇଁଲେ ବଢୁଛି ମଦମାଫିଆଙ୍କ ଦୌରାତ୍ମ୍ୟ

**ମହାକାଳପଡ଼ା, ନ୍ୟୁଜ୍‌ବ୍ୟୁରୋ**

ମହାକାଳପଡ଼ା ବ୍ଲକର ବରକନ୍ଦା ତଥା ଏହାର ଆଖପାଖ ଅଞ୍ଚଳରେ ଖୋଲିଛି ଶତାଧିକ ବେଆଇନ ମଦବିକ୍ରି ଦୋକାନ । ଏକପ୍ରକାର ଏହା କୁଟିର ଶିଳ୍ପରେ ପରିଣତ ହୋଇଗଲାଣି । ଦିନରେ ସମ୍ପୂର୍ଣ୍ଣ ଭାବରେ ଏହି ମଦବିକ୍ରେତା ମାନେ ନୀରବରେ ବସୁଛନ୍ତି । ସନ୍ଧ୍ୟା ହେଲେ ଏମାନଙ୍କର ପସରା ମେଲିଥାଏ । ରାସ୍ତା ଘାଟରେ ବେଆଇନ ଭାବେ ଗାଡ଼ିଗୁଡ଼ିକ ଜାମ୍ ରହୁଛି । ଆଖପାଖ ଅଞ୍ଚଳରେ ଫାଷ୍ଟଫୁଡ଼ ଦୋକାନ ଥିବାରୁ ଏହାର ସଂଲଗ୍ନ ରାସ୍ତା ଉପରେ ଶହଶହ ଦୁଇଚକିଆ ଗାଡ଼ି ଗୁଡ଼ିକ ରଖିଦେଇ ମଦୁଆମାନେ ମଦ ପାଇଁ ଯାଉଛନ୍ତି । ପାଖରେ ଖୋଲିଥିବା ଫାଷ୍ଟଫୁଡ୍ ଦୋକାନରେ ମଧ୍ୟ ଏମାନଙ୍କ ଉପସ୍ଥିତି ସବୁବେଳେ ପଥଚାରୀମାନଙ୍କ ପାଇଁ ଅସୁବିଧା ସୃଷ୍ଟି କରୁଛି । ବିଭିନ୍ନ ଜାଗାରେ ଖୋଲିଥିବା ଫାଷ୍ଟଫୁଡ୍ ଦୋକନରୁ ପାର୍ଶଲ ମଗାଇ ରାସ୍ତା ଉପରେ ମୋଟର ସାଇକେଲ୍ ରଖିଦେଇ ଆକଣ୍ଠପାନ କରିବା ଭଳି ବିରଳ ଦୃଶ୍ୟ ନଜରକୁ ଆସୁଛି । ବିଶେଷ କରି ଗୋଜାବନ୍ଧ ଛକ ପାଖରୁ ଆରମ୍ଭ କରି କେନ୍ତିଆ ପର୍ଯ୍ୟନ୍ତ ଲମ୍ବିଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତାର ବିଭିନ୍ନ ସ୍ଥାନରେ ତିଆରି ହୋଇଥିବା କଲଭର୍ଟ ଉପରେ ବହୁ ସଂଖ୍ୟାରେ ଏମାନେ ବସୁଛନ୍ତି । ସବୁଠାରୁ ବଡ଼କଥା ହେଉଛି ଅବକାରୀ ବିଭାଗ ବେଆଇନ ବିକ୍ରି ଉପରେ ରୋକ ଲଗାଇବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ନେଇ ବିଭାଗୀୟ ଅଧିକାରୀମାନେ କହୁଥିବା ବେଳେ ଉପରୋକ୍ତ ଅଞ୍ଚଳ ଗୁଡ଼ିକରେ ଅବକାରୀ ବିଭାଗ ତରଫରୁ କେବେ ନିଆଯିବା କାର୍ଯ୍ୟାନୁଷ୍ଠାନ । ବହୁତ ସମୟରେ ବାଟରେ ଯାଉଥିବା ଲୋକମାନେ ମଧ୍ୟ ଏମାନଙ୍କ ବ୍ୟବହାର ଦେଖି ଓ ଶୁଣି ଅତିଷ୍ଠ ହୋଇପଡ଼ିଲେଣି ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. ELOP-T-01-2024

**କାର୍ଯ୍ୟର ନାମ:** 02 (ଦୁଇ) ବର୍ଷ ସମୟାବଧି ନିମନ୍ତେ ବାହାର ଏଜେନ୍ସି ଜରିଆରେ ସବ୍‌ସିଡି ପ୍ରାପ୍ତ (SUBSIDIZED) ଭୋଜନ ବ୍ୟବସ୍ଥା ସହିତ ପଲାସା (PSA) ଠାରେ କ୍ରିଉ ଲବି ଏବଂ ରନିଙ୍ଗ୍ ପ୍ରକୋଷ୍ଠଗୁଡ଼ିକ (ଉଭୟ ଜୁନିୟର ଏବଂ ସିନିୟର ରନିଙ୍ଗ୍ ପ୍ରକୋଷ୍ଠ) ର ରକ୍ଷଣାବେକ୍ଷଣ ।

**ବିଜ୍ଞାପିତ ମୂଲ୍ୟ (₹):** 5,46,91,059.27, EMD (₹): 4,23,500.00 ଟେଣ୍ଡର ନଥିପତ୍ରର ମୂଲ୍ୟ (₹): 11,800/-, ଶେଷ ହେବା ଅବଧି : 730 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.17.05.2024ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.31.05.2024 ରିଖ 1700 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ । ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ https://www.ireps.gov.inରେ ଉପଲବ୍ଧ ହେବ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ଖୋର୍ଦ୍ଧା ରୋଡ଼

PR-118/P/24-25

ଭୁବନେଶ୍ୱର
୧୬ ମଇ
ଗୁରୁବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ଚଳଚଞ୍ଚଳ ରଥଖଳା: ୩ ରଥର ୨୪ ତୁମ୍ବ ବୋଳା କାମ ଶେଷ



**ପୁରୀ, ୧୫/୦୫ ନ୍ୟୁଜ ବ୍ୟୁରୋ**
ପାଖେଇ ଆସୁଛି ମହାପ୍ରଭୁଙ୍କର ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା। ଯାହାକୁ ନେଇ ଜୋରସୋରରେ ଆଗେଇ ଚାଲିଛି ରଥ ନିର୍ମାଣ କାମ । ରଥଖଳାରେ ରଥ ନିର୍ମାଣ କାମ ୪ର୍ଥ ଦିନରେ ପହଞ୍ଚିଛି। ଚତୁର୍ଥ ଦିନ ଶେଷ ସୁଦ୍ଧା ୩ ରଥର ୪୨ ତୁମ୍ବରୁ ୨୪ଟି ତୁମ୍ବ ବୋଳା ବା ଗୋଲେଇ କାମ ଶେଷ ହୋଇଛି। ୨୪ଟି ତୁମ୍ବରୁ ତାଳଧ୍ୱଜ ରଥର ୮ଟି, ଦର୍ପଦଳନ ରଥର ୮ଟି ଓ ନନ୍ଦିଘୋଷ ରଥର ୮ଟି ତୁମ୍ବ ବୋଳା କାମ ଶେଷ ହୋଇଛି। ମଙ୍ଗଳବାର ସୁଦ୍ଧା ୭୪ ମହାରଣା, ଭୋଇ, କମାର, କରତି ସେବକ ରଥ ନିର୍ମାଣ କାର୍ଯ୍ୟରେ ଯୋଗ ଦେଇଛନ୍ତି। ତିନି ରଥ ପାଇଁ ଆବଶ୍ୟକ ୪୨ ଚକ ନିର୍ମାଣ ପାଇଁ ତୁମ୍ବ ପ୍ରସ୍ତୁତ କରାଯାଇଛି। ମହାରଣା ସେବକ ଦେଉଥିବା ମାପ ଅନୁସାରେ କରତିମାନେ ଫାସି କାଠ କାଟି ଯୋଗାଇ ଦେଇଛନ୍ତି। ମହାରଣାଙ୍କ ଦ୍ୱାରା ସେଗୁଡିକୁ ଗୋଲେଇ କରାଯିବା ସହ ମାଠ କରାଯାଇଛି। ଏହାପରେ ସେଥିରେ ବିନ୍ଧ କରାଯାଇ ପହି ଏବଂ ଅର ସଂଯୋଗ କରାଯିବ। ସେହିପରି ଦୋଳବେଦୀ କୋଣ ଅସ୍ଥାୟୀ କମାରଶାଳରେ ଓଝା ତଥା କମାର ସେବକମାନେ ରଥ ନିର୍ମାଣ ପାଇଁ କଣ୍ଟା କବ୍‌ଜା ପ୍ରସ୍ତୁତ କରିଦେଇଛନ୍ତି।

# ଶ୍ରୀମନ୍ଦିରରେ ନିଳାଦ୍ରୀ ମହୋଦୟ ନୀତି ସମ୍ପନ୍ନ

**ପୁରୀ, ୧୫/୦୫ ନ୍ୟୁଜ ବ୍ୟୁରୋ**
ବୁଧବାର ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଛି ନିଳାଦ୍ରୀ ମହୋଦୟ ନୀତି। ବୈଶାଖ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ବ୍ରହ୍ମାଙ୍କ ଦ୍ୱାରା ଶ୍ରୀମନ୍ଦିର ପ୍ରତିଷ୍ଠା ହୋଇଥିବା ବେଳେ ରତ୍ନ ସିଂହାସନରେ ଚତୁର୍ଦ୍ଧା ମୂର୍ତ୍ତି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଥିବା ପ୍ରମୁଖ ଯାତ୍ରା ମଧ୍ୟରୁ ନିଳାଦ୍ରୀ ମହୋଦୟ ଅନ୍ୟତମ ପ୍ରମୁଖ ଯାତ୍ରା ହୋଇଥିବାରୁ ବିଶେଷ ନୀତି ଅନୁଷ୍ଠିତ ହୋଇଛି। ସକାଳ ଧୂପ ପରେ ଆଲଟ ଲାଗି ନୀତି ଶେଷ କରାଯାଇ ଅଧିବାସ ହୋଇ ରହିଥିବା ୧୦୮ ଗଡୁ ଜଳକୁ ରତ୍ନ ସିଂହାସନ ନିକଟକୁ ଅଣାଯାଇଥିଲା। ପୂଜାପଣ୍ଡା ସେବକ ମାନେ ଅଧିବାସ ଜଳକୁ ସଂସ୍କାର କରିବା ପରେ ମହାପ୍ରଭୁଙ୍କ ସମ୍ମୁଖରେ ଦର୍ପଣ ରଖାଯାଇ ମହାସ୍ନାନ ନୀତି କରାଯାଇଥିଲା। ପରେ ନୂଆ ବସ୍ତ୍ର ଲାଗିହେବା ସହ ପୂଜାପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ସେବକଙ୍କ ଦ୍ୱାରା ବିଶେଷ ନୀତି କରାଯାଇଥିଲା। ସ୍କନ୍ଦ ପୁରାଣ ଅନୁସାରେ ନିଳାଦ୍ରୀ ମହୋଦୟ ଦିବସରେ ମହାପ୍ରଭୁଙ୍କୁ ସ୍ମରଣ ଓ ପୂଜା ପାଠ କଲେ ଅଶେଷ ପୂଣ୍ୟ ମିଳିବା ସହ କୋଟି ଜନ୍ମର ପାପରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି। ଶ୍ରୀଜୀଉଙ୍କ ନିଳାଦ୍ରୀ ମହୋଦୟ ନୀତି ଦର୍ଶନ ପାଇଁ ଶ୍ରୀ ମନ୍ଦିରରେ ଭକ୍ତମାନଙ୍କର ପ୍ରବଳ ସମାଗମ ପରିଲକ୍ଷିତ ହୋଇଥିବା ଲକ୍ଷ୍ୟ କରାଯାଇଛି।



# ମୋ ବୁଥ୍ 'ଆପ୍' ଉନ୍ମୋଚନ: ସମସ୍ତ ତଥ୍ୟ ପାଇବେ ଭୋଟର



**ଭୁବନେଶ୍ୱର, ୧୫/୦୫**
**ନ୍ୟୁଜ ବ୍ୟୁରୋ**
ମୋ ବୁଥ୍ ଆପ୍ ଉନ୍ମୋଚନ କଲେ ସିଇଓ ନିକୁଞ୍ଜ ବିହାରୀ ଧଳ। ଏହି ଆପ୍ ଜରିଆରେ ନିଜ ବୁଥ୍ ବିଷୟରେ ଜାଣିପାରିବେ ଭୋଟର। ଖାସ କରି ସହରାଞ୍ଚଳ ଭୋଟରଙ୍କୁ ସଚେତନ ପାଇଁ ଏହି ଆପ୍ ଉନ୍ମୋଚନ କରାଯାଇଛି। ଆପ୍ ଓ ୱେବସାଇଟ ମାଧ୍ୟମରେ ବୁଥ୍ ସମ୍ପର୍କରେ ସବୁ ତଥ୍ୟ ଜାଣିପାରିବେ। ଭୋଟ ହାର ବଢାଇବାରେ ମଧ୍ୟ ସହାୟକ ହେବ ଏହି ଆପ୍। ଆପ୍ ଉନ୍ମୋଚନ ହେବା ପରେ ସେଥିରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନର ସମସ୍ତ ତଥ୍ୟ ଦିଆଯାଇଛି। ୪ଟି ଲୋକସଭା ମଣ୍ଡଳୀରେ ୭୫.୬୮ପ୍ରତିଶତ ମତଦାନ ହୋଇଥିବା ସୂଚନା ଦିଆଯାଇଛି। ସବୁଠୁ ଅଧିକ ନବରଙ୍ଗପୁରରେ ଏବଂ ସବୁଠୁ କମ ବ୍ରହ୍ମପୁରରେ ମତଦାନ ହୋଇଛି। ସ୍ୱାଭିମାନ ଅଞ୍ଚଳର ୨୩ଟି ବୁଥ୍‌ରେ ଚଳିତ ବର୍ଷ ୮ପ୍ରତିଶତ ଅଧିକ ଭୋଟିଂ ହୋଇଛି।

# ଓଡ଼ିଶା ହାଇକୋର୍ଟରେ ପୂରଣ ହେବ ୧୪୭ଟି ଏଏସ୍‌ଓ ପଦ : ୨୦ରୁ ଆବେଦନ

**ଭୁବନେଶ୍ୱର, ୧୫/୦୫**
**ନ୍ୟୁଜ ବ୍ୟୁରୋ**
ଓଡ଼ିଶା ହାଇକୋର୍ଟରେ ୧୪୭ଟି ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ପଦବୀରେ ନିଯୁକ୍ତି ଦିଆଯିବା ନେଇ ବୁଧବାର ପ୍ରକାଶ ପାଇଛି ବିଜ୍ଞପ୍ତି। ଏଥିପାଇଁ ଯୋଗ୍ୟ ପ୍ରାର୍ଥୀମାନେ ମେ' ୨୦ ତାରିଖ ସକାଳ ୧୦ଟାରୁ ଅନ୍‌ଲାଇନ୍ ଆବେଦନ କରିପାରିବେ। ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ଜୁନ୍ ୧୮ ତାରିଖ ରାତି ୧୧ଟା ୫୯ ମିନିଟ୍ ପର୍ଯ୍ୟନ୍ତ ଚାଲିବ। ସଂରକ୍ଷଣ : ୧୪୭ଟି ଏଏସ୍‌ଓ ପଦବୀରୁ ୭୦ଟି ଅଣସଂରକ୍ଷିତ ରହିଛି। ଏସ୍‌ଇବିସିଙ୍କ ପାଇଁ ୫ଟି ପଦ ସଂରକ୍ଷିତ ରହିଥିବା ବେଳେ ଏସ୍‌ଟିଙ୍କ ପାଇଁ ୫୭ ଓ ଏସ୍‌ସିଙ୍କ ପାଇଁ ୧୫ଟି ପଦ ସଂରକ୍ଷିତ ରହିଛି। ସେହିପରି ୧୪୭ଟି ପଦବୀରୁ ୪୯ଟି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଅଣସଂରକ୍ଷିତ ବର୍ଗରେ ୭୦ଟି ପଦବୀ ରହିଥିବା ବେଳେ ସେଥିରୁ ୨୩ଟି ମହିଳାଙ୍କ ପାଇଁ ଉଦ୍ଦିଷ୍ଟ। ସେହିପରି ଏସ୍‌ଇବିସିର ୫ଟି ପଦରୁ ୨ଟି ମହିଳାଙ୍କ ପାଇଁ ସଂରକ୍ଷିତ ଥିବା ବେଳେ ଏସ୍‌ଟି ବର୍ଗର ୫୭ଟି ପଦରୁ ୧୯ଟି ଓ ଏସ୍‌ସିଙ୍କ ପାଇଁ ଥିବା ୧୫ଟି ପଦରୁ ୫ଟି ସଂପୃକ୍ତ ବର୍ଗର ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ବୟସ ସୀମା : ପ୍ରାର୍ଥୀଙ୍କ ବୟସ ୧୪.୦୫.୨୦୨୪ ସୁଦ୍ଧା ୨୧ ବର୍ଷରୁ ଅଧିକ ହୋଇଥିବା ଆବଶ୍ୟକ ଓ ୩୨ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ। ଅର୍ଥାତ୍ ପ୍ରାର୍ଥୀ ୧୩.୦୫.୨୦୦୩ ଦିନ ଅବା ତା'ପୂର୍ବରୁ ଓ ୧୫.୦୫.୧୯୯୨ ଦିନ ଅବା ତା' ପରେ ଜନ୍ମ ଗ୍ରହଣ କରିଥିବେ। ଏସ୍‌ସି, ଏସ୍‌ଟି, ଏସ୍‌ଇବିସି ଓ ମହିଳାଙ୍କ ପାଇଁ ସର୍ବାଧିକ ବୟସ ସୀମାକୁ ୫ ବର୍ଷ କୋହଳ କରାଯାଇଛି। ଶିକ୍ଷାଗତ ଯୋଗ୍ୟତା : ପ୍ରାର୍ଥୀ ଯେକୌଣସି ବିଷୟରେ ଏକ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରିଥିବେ। ତାଙ୍କର କମ୍ପ୍ୟୁଟର ଆପ୍ଲିକେସନ୍ ଉପରେ ଯଥେଷ୍ଟ ଜ୍ଞାନ ଥିବା ଆବଶ୍ୟକ। ପରୀକ୍ଷା ଫି' : ପ୍ରାର୍ଥୀଙ୍କୁ ପରୀକ୍ଷା ଫି' ବାବଦକୁ ୫୦୦ ଟଙ୍କା ଦେବାକୁ ପଡ଼ିବ। ଏହାକୁ ଆଉ ଫେରସ୍ତ କରାଯିବ ନାହିଁ। ପ୍ରାର୍ଥୀ ଡେବିଟ୍ କାର୍ଡ/କ୍ରେଡିଟ୍ କାର୍ଡ/ନେଟ୍ ବ୍ୟାଙ୍କିଂ ଯୋଗେ ଏହି ଫି' ଜମା କରିପାରିବେ। ପରୀକ୍ଷା ପ୍ରକ୍ରିୟା : ପ୍ରଥମେ ୧୫୦ ମାର୍କର ପ୍ରିଲିମିନାରୀ ପରୀକ୍ଷା ହେବ। ଏଥିରେ ଏକାଧିକ ଉତ୍ତର ବିକଳ୍ପ ଥାଇ ଅବଜେକ୍ଟିଭ୍ ପ୍ରଶ୍ନ ଦିଆଯିବ। ଏହା ପରେ ୩୦୦ ମାର୍କର ମେନ୍ ପରୀକ୍ଷା ହେବ। ଏଥିରେ ୧୦୦ ମାର୍କର ଇଂରାଜୀ, ୧୦୦ ମାର୍କର ଗଣିତ ଓ ୧୦୦ ମାର୍କର ସାଧାରଣ ଜ୍ଞାନ ଏବଂ ରିଜୋନିଂ ପରୀକ୍ଷା କରାଯିବ। ତା'ପରେ ୧୦୦ ମାର୍କର କମ୍ପ୍ୟୁଟର ଆପ୍ଲିକେସନ ଟେଷ୍ଟ ହେବ। ଦରମା : ଗ୍ରୁପ୍-ବିରେ ଆସୁଥିବା ଏହି ଏଏସ୍‌ଓମାନଙ୍କ ପେ' ସ୍କେଲ୍ ୩୫,୪୦୦ରୁ ୧ଲକ୍ଷ ୧୨ ହଜାର ୪୦୦ ଟଙ୍କା ରହିଛି।



# ଆଇପିଏଲ ବେଟିଂ : ୪ ଜଣଙ୍କୁ ଗିରଫ କଲା ପୋଲିସ

**ରାଉରକେଲା, ୧୫/୦୫ ନ୍ୟୁଜ ବ୍ୟୁରୋ**
ଦେଶରେ ଚାଲିଛି ସବୁଠାରୁ ଲୋକ ପ୍ରିୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଇପିଏଲ । ଏହାକୁ ନେଇ ଏବେ ଆରମ୍ଭ ହୋଇଯାଇଛି ବେଟିଂ । ଗୋଟିଏ ବଲ ଉପରେ ଲାଗୁଛି ଲକ୍ଷ ଲକ୍ଷ ଟଙ୍କାର ବେଟିଂ । ଗୋଟିଏ ଲେଖାଏଁ ମ୍ୟାଚରେ ଲାଗୁଛି କୋଟି କୋଟି ଟଙ୍କାର ବେଟିଂ । ରାଉରକେଲାରେ ଏପରି ଅନଲାଇନ ବେଟିଂ ଚାଲିଥିବା ବେଳେ ୪ ଜଣଙ୍କୁ ଗିରଫ କରିଛି ପୋଲିସ, ଯାହାର ସୂଚନା ଏକ ସାମ୍ବାଦିକ ସମ୍ମିଳନୀ ଯୋଗେ ଏସଡିପିଓ ହିମାଂଶୁ ବେହେରା ଦେଇଛନ୍ତି।
ପୋଲିସ ସୂଚନା ଅନୁଯାୟୀ, ସୁନ୍ଦରଗଡ଼ ଟାଉନ ଥାନା ଏବଂ ସାଇବର ସେଲ୍‌ର ମିଳିତ ଉଦ୍ୟମରେ ଏହି ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି ପୋଲିସ। ପୋଲିସ ଖବର ପାଇ ମହାଦେବ ପଡ଼ାରେ ଥିବା ଏକ କ୍ଲବ ଘରେ ଆଇପିଏଲ୍ ବେଟିଂ ଚାଲିଥିବା ବେଳେ ରାତିରେ ସେଠାରେ ଚଢ଼ଉ କରିଥିଲା ପୋଲିସ। ଚଢ଼ଉରେ ୪ ଜଣଙ୍କୁ ଗିରଫ କରିବା ସହିତ ୫ ଲକ୍ଷ ୧୭ ହଜାର ୨୦୦ ଟଙ୍କା, ୭ଟି ମୋବାଇଲ ଫୋନ, ଗୋଟିଏ ଲାପ୍‌ଟପ୍ ଏବଂ ତିନୋଟି ବାଇକ ଜବତ କରାଯାଇଛି। ତେବେ ଗିରଫ ହୋଇଥିବା ୪ ଜଣଙ୍କ ମଧ୍ୟରୁ ତିନି ଜଣ ଭିଡିରିଆପଡ଼ାର ହୋଇଥିବା ବେଳେ ଜଣେ ଖମାରିପଡ଼ାର ବୋଲି ଜଣାପଡ଼ିଛି। ତେବେ ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ୩୩ ବର୍ଷୀୟ ମିଥୁନ ସାହୁ, ୪୦ ବର୍ଷୀୟ ସଞ୍ଜୟ ସାହୁ, ୪୬ ବର୍ଷୀୟ ସୁବୋଧ ସାହୁ ଏବଂ ୪୦ ବର୍ଷୀୟ ସଞ୍ଜୟ କୁମାର ସାହୁ। ତେବେ ଏମାନେ ଅନ୍‌ଲାଇନ ମାଧ୍ୟମରେ ବେଟିଂ କରୁଥିବାକୁ ଏମାନଙ୍କର କୌଣସି ସ୍ଥାୟୀ ଠିକଣା ନଥିବା ବେଳେ ଏମାନଙ୍କୁ ଖୋଜିବା ପୋଲିସ ପକ୍ଷେ କାଠିକର ପାଠଥିଲା। ଏସ୍‌ଡିପିଓ ଏବଂ ଟାଉନ ଥାନା ଅଧିକାରୀ ଆଦିତ୍ୟ କୁମାର ମହାକୁଡ଼ଙ୍କ ନେତୃତ୍ୱରେ ଏକ ଟିମ୍ ଏହି ଗ୍ୟାଙ୍ଗକୁ ଠାବ କରିବା ଲାଗି ବାହାରି ପଡ଼ିଥିଲେ। ତେବେ ଏମାନେ କ୍ୟାସ ଟ୍ରାଞ୍ଜାକ୍ସ କରିବା ସହିତ ଡେବିଟ କାର୍ଡ, କ୍ରେଡ଼ିଟ କାର୍ଡ, ଫୋନ ପେ, ଗୁଗୁଲ ପେ ପରି ଅନ୍‌ଲାଇନ ଟ୍ରାଞ୍ଜାକ୍ସର ସାହାର ନେଉଥିଲେ। ତେବେ ଏମାନେ ପ୍ରଥମେ କ୍ରିକେଟ ଲାଇନ ଗୁରୁ ନାମକ ଏକ ଆପରେ ଲାଇଭ କ୍ରିକେଟ ଦେଖନ୍ତି । ଆଉ ତା'ର ସାହାଯ୍ୟରେ ସେମାନେ ଟଙ୍କା ଲଗାନ୍ତି । ତା'ପରେ ହାର ଜିତ ସାଙ୍ଗକୁ ଏଥିରେ ଟଙ୍କା ଲଗାଇ କିଏ ଫାଇଦା ପାଏ ତ ଆଉ କିଏ ଟଙ୍କା ହରାଇ ବସେ। ତେବେ ଏଥିରେ ଆଉ କାହାର ସମ୍ପୃକ୍ତି ରହିଛି କିମ୍ବା ଏମାନେ ଆଉ କାହା ନିର୍ଦ୍ଦେଶରେ କାମ କରୁଛନ୍ତି ତାହା ଜାଣିବା ପାଇଁ ପୋଲିସର ତଦନ୍ତ ଆରମ୍ଭ ହୋଇଯାଇଛି।

# ନିବେଶକଙ୍କ ଚିନ୍ତା କମ୍ ମତଦାନ: ୨୦୦୦ ପଏଣ୍ଟ ଖସିଲାଣି ସେନ୍‌ସେକ୍ସ

**ମୁମ୍ବାଇ, ୧୫/୦୫**
ମେ'ରେ ବିକ୍ରି କରି ବାହାରି ଯାଅ। ସେୟାର କାରବାର ପାଇଁ ଏହି ବାକ୍ୟକୁ ଅତୀତରେ ବ୍ୟବହାର କରାଯାଉଥିଲା। ଏବେ ତାହା ସତ ମନେ ହେଉଛି। ନିବେଶକମାନେ ବିଭିନ୍ନ ସଂସ୍ଥାର ସେୟାର ବିକ୍ରି କରିବାରୁ ବମ୍ବେ ଷ୍ଟକ ବଜାରର ସେନ୍‌ସେକ୍ସ ଚଳିତ ମାସରେ ୨୦୦୦ ପଏଣ୍ଟ ହରାଇସାରିଲାଣି। ବିଦେଶୀ ନିବେଶକମାନେ ପ୍ରାୟ ୧୯ ହଜାର କୋଟି ଟଙ୍କା ପ୍ରତ୍ୟାହାର କରିଛନ୍ତି। ଷ୍ଟକ୍ ବଜାରରେ ଏଭଳି ସ୍ଥିତି ଲାଗି ଲୋକସଭା ନିର୍ବାଚନରେ ମତଦାନ ହାରରେ ହ୍ରାସକୁ କିଛି ବିଶେଷଜ୍ଞ ଦାୟୀ କରୁଥିବା ବେଳେ ଅନ୍ୟମାନେ ଚୀନ୍‌କୁ ଦୋଷ ଦେଉଛନ୍ତି। ମିଳିଥିବା ତଥ୍ୟ ଅନୁସାରେ, ୨୦୧୯ ତୁଳନାରେ ୨୦୨୪ ନିର୍ବାଚନରେ କମ୍ ଲୋକ ଭୋଟ୍ ଦେବାକୁ ଆସୁଛନ୍ତି। ନିର୍ବାଚନ ସମୟରେ ଷ୍ଟକ୍ କାରବାରରେ ଅସ୍ଥିରତା ଦେଖାଦେବା ସ୍ୱାଭାବିକ କଥା। କିନ୍ତୁ ଚଳିତ ବର୍ଷ ସେଥିରେ ଘୋର ଅସ୍ଥିରତା ଲାଗି ରହିଛି। ମତଦାନ ହାର କମ୍ ରହୁଥିବାରୁ ନିର୍ବାଚନ ଫଳାଫଳକୁ ନେଇ ନିବେଶକମାନଙ୍କ ମନରେ ଶଙ୍କା ରହିଛି ବୋଲି ଅନୁମାନ କରାଯାଉଛି। ସ୍ଥିର ସରକାର ଏବଂ ସଂସ୍କାର ଉପରେ ନିବେଶକମାନଙ୍କ ନଜର ରହିଛି। ଏକ ଦୃଢ଼ ସରକାର ଗଠନ ହେଲେ ଏହି ଦୁଇ ବିଷୟ ସମ୍ଭବ ହୋଇପାରିବ। ଷ୍ଟକ୍ କାରବାରରେ ହେଉଥିବା ଅସ୍ଥିରତାକୁ ମାପିବା ଲାଗି ବ୍ୟବହାର ହେଉଥିବା ଭିଆଇଏକ୍ସରେ ଇତି ମଧ୍ୟରେ ୧୪ ପ୍ରତିଶତ ବୃଦ୍ଧି ଘଟିଛି। ଦେଶରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଛି। ପୂର୍ବରୁ ହୋଇଥିବା ତିନିଟି ପର୍ଯ୍ୟାୟ ମତଦାନ ଦିନ ମଧ୍ୟ ଷ୍ଟକ୍ କାରବାରରେ ଅସ୍ଥିରତା ଦେଖିବାକୁ ମିଳିଥିଲା। ଗତ ଏପ୍ରିଲ୍ ୧୯ରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ମତଦାନ ହାର ୬୬.୧୪ ପ୍ରତିଶତ ଥିଲା ଯାହା ୨୦୧୯ ତୁଳନାରେ କମ୍। ଷ୍ଟକ୍ କାରବାର ଅସ୍ଥିର ରହିଥିଲା। ଏକ ସମୟରେ ସେନ୍‌ସେକ୍ସରେ ୮୦୦ ପଏଣ୍ଟ ଭଳିହ୍ରାସ ଘଟିଥିଲା। ମାତ୍ର କାରବାର ଶେଷ ବେଳକୁ ତାହା ୧୧୧ ପଏଣ୍ଟ ବୃଦ୍ଧି ସହ ୭୨,୭୭୬ ପଏଣ୍ଟରେ ବନ୍ଦ ହୋଇଛି। ନ୍ୟାସନାଲ୍ ଷ୍ଟକ ଏକ୍ସଚେଞ୍ଜର ନିଫ୍‌ଟି ୪୮ ପଏଣ୍ଟ ବୃଦ୍ଧି ପାଇ ୨୨,୧୦୪ ପଏଣ୍ଟରେ ବନ୍ଦ ହୋଇଛି।



# ପୂର୍ବତନ ମନ୍ତ୍ରୀ ଡମ୍ବରୁଧର ଉଲ୍ଲାକାଙ୍କ ପରଲୋକ

**ବିଷମ କଟକ, ୧୫/୦୫**
**ନ୍ୟୁଜ ବ୍ୟୁରୋ**
ପୂର୍ବତନ ମନ୍ତ୍ରୀ ଡମ୍ବରୁଧର ଉଲ୍ଲାକାଙ୍କ ବିୟୋଗ ଘଟିଛି । ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଥିବା ଯୋଗୁଁ ସେ ଭୁବେନେଶ୍ୱର ସ୍ଥିତ କେୟାର ମେଡିକାଲରେ କିଛି ଦିନ ହେବ ଚିକିତ୍ସିତ ଥିଲେ। ତାଙ୍କୁ ୮୭ ବର୍ଷ ହୋଇଥିଲା। ସେ ବିଷମକଟକ ବିଧାନସଭା ଆସନରୁ ୭ଥର ନିର୍ବାଚିତ ହୋଇଥିଲେ ଓ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ବିଭାଗ ତଥା ଜଙ୍ଗଲ ବିଭାଗ, ଅବକାରୀ ବିଭାଗ, ନଗର ଉନ୍ନୟନ ବିଭାଗ ଏବଂ ଜଳ ଓ ପରିମଳ ବିଭାଗର ମନ୍ତ୍ରୀ ପଦ ମଧ୍ୟ ତୁଲାଇ ଥିଲେ। ତାଙ୍କର ବିୟୋଗ ସମୟରେ ତିନି ଝିଅ, ପୁଅ ଓ ପତ୍ନୀ ମଧ୍ୟ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ ପ୍ରଥମେ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଭୁବନେଶ୍ୱର ସ୍ଥିତ କଂଗ୍ରେସ ଭବନକୁ ନିଆଯାଇଥିଲା ଓ ଏହା ପରେ ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ ବାଙ୍କିଲି ସ୍ଥିତ ବାସଭବନକୁ ନିଆ ଯାଇ ଅନ୍ତିମ ସଂସ୍କାର କରାଯାଇଥିବା ସୂଚନା ମିଳିଛି । ଦେହାନ୍ତ ବିଷୟରେ ଜାଣି ମନ୍ତ୍ରୀ ଜଗନ୍ନାଥ ସାରକା ଦୁଃଖ ପ୍ରକାଶ କରିବା ସହ ଶୋକାକୁଳ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।



## ବ୍ରାଉନସୁଗାର ମାମଲାରେ ୮୦ ଗିରଫ

**ଭୁବନେଶ୍ୱର, ୧୫/୦୫ ନ୍ୟୁଜ ବ୍ୟୁରୋ**
କମିଶନରେଟ ପୁଲିସ ପକ୍ଷରୁ ଆରମ୍ଭ କରାଯାଇଥିବା "ଅପରେସନ ହ୍ୱାଇଟ ସ୍ୱାଇଡର'' ମାଧ୍ୟମରେ ଚଳିତ ବର୍ଷ ଜାନୁଆରୀ ମାସରୁ ଏପ୍ରିଲ ୩୦ ତାରିଖ ସୁଦ୍ଧା ୪୬ଟି ବେଆଇନ ବ୍ରାଉନସୁଗାର କାରବାର ଜନିତ ମାମଲାରେ ମୋଟ ୮୦ ଜଣ ନିଶା ବେପାରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ମୋଟ ୨୦ଟି ବ୍ରାଉନସୁଗାର ବିକ୍ରି ଜନିତ ମାମଲା ରୁଜୁ କରାଯାଇଛି। ମୋଟ ୩୫ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ତାଙ୍କ ନିକଟରୁ ୩୫୨ ଗ୍ରାମ୍ ୮୪୦ ମିଲିଗ୍ରାମ୍ ଓଜନର ବ୍ରାଉନସୁଗାର, ୩ ଲକ୍ଷ ୫୦ ହଜାର ୧୬୫ ଟଙ୍କା ଜବତ କରାଯାଇପାରିଛି।

# 'ଧର୍ମେନ୍ଦ୍ରଙ୍କ ବାଲୁତପଣିଆ ଯାଇନାହିଁ, ଜଗନ୍ନାଥଙ୍କ ନାମ ନେଇ ମିଛ କହୁଛନ୍ତି'

**ସମ୍ବଲପୁର, ୧୫/୦୫ ନ୍ୟୁଜ ବ୍ୟୁରୋ**
ଚଳିତ ନିର୍ବାଚନରେ ରାଜ୍ୟରେ ସର୍ବାଧିକ ଚର୍ଚ୍ଚାରେ ରହିଛି ସମ୍ବଲପୁର ଲୋକସଭା ଆସନ। ଏଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ବିଜେଡି ସାଙ୍ଗଠନିକ ସମ୍ପାଦକ ବବି ଦାସଙ୍କ ମଧ୍ୟରେ ଫାଇଟ୍ ହେଉଛି । କେନ୍ଦ୍ର ଓ ରାଜ୍ୟରେ ଶାସନରେ ଥିବା ଉଭୟ ଦଳ ପାଇଁ ଏହି ଆସନରେ ବିଜୟ ହାସଲ କରିବା ଏକ ସମ୍ମାନର ପ୍ରଶ୍ନ ଭାବେ ଛିଡା ହୋଇଛି । ତେବେ ନିର୍ବାଚନ ଯେତେ ପାଖଉଛି ବିଜେପି ଓ ବିଜେଡି ମଧ୍ୟରେ ଆରୋପ-ପ୍ରତ୍ୟାରୋପର ମାତ୍ରା ମଧ୍ୟ ସେତେ ବଢ଼ିବାରେ ଲାଗିଛି । ସମ୍ବଲପୁରରେ ବିଜେଡି ମୁଖପାତ୍ର ଲେନିନ ମହାନ୍ତି ସାମ୍ବାଦିକ ସମ୍ମିଳନୀ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପରେ ବିଭିନ୍ନ ପ୍ରସଙ୍ଗରେ ବର୍ଷିଛନ୍ତି। ଧର୍ମେନ୍ଦ୍ର ବିଭିନ୍ନ ପ୍ରସଙ୍ଗରେ ମିଥ୍ୟା ଓ ଆଧାରହୀନ ସୂଚନା ସହ ମନ୍ତବ୍ୟ ଦେଉଛନ୍ତି। ମାତ୍ର ପାଲଟା ପ୍ରଶ୍ନ କଲେ ପ୍ରମାଣିତ କରିପାରୁନାହାନ୍ତି ବୋଲି କହିଛି ବିଜେଡି । ଲେନିନ କହିଛନ୍ତି 'ମହାପ୍ରଭୁଙ୍କ ନାମ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବାରମ୍ବାର ମିଛ କହୁଛନ୍ତି । ସବୁ କାମ ସେ କରିଛନ୍ତି ବୋଲି କହୁଛନ୍ତି । ନିଜେ ମିଛ କହି ଲୋକଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରୁଛନ୍ତି। ପୁଣି ତଥ୍ୟ ଦେଖିଲେ ବଟସ୍କରଙ୍କ ଦ୍ୱାରା ସତ୍ୟ ମାନୁଛନ୍ତି । ମତେ ଲାଗୁଛି ଧର୍ମେନ୍ଦ୍ରଙ୍କ ବାଲୁତପଣିଆ ଏ ପର୍ଯ୍ୟନ୍ତ ଯାଇନାହିଁ । ପରିପକ୍ୱ ହେବାକୁ ଆହୁରି ୧୦ ବର୍ଷ ଲାଗିବ । ସତ୍ତାର ଲାଳସାରେ ଧର୍ମେନ୍ଦ୍ର ଏମିତି ଭାବରେ ବୁଡି ଯାଇଛନ୍ତି ଯେ ସେ ବାରମ୍ବାର ମହାପ୍ରଭୁଙ୍କ ନାମରେ ମିଛ କହି ରାଜନୀତି କରିବାକୁ ଚେଷ୍ଟା କରୁଛନ୍ତି ବୋଲି କହିଛନ୍ତି ।'' ଲେନିନ ମଙ୍ଗଳବାର ପୂର୍ବାହ୍ନରେ ବିଜେଡି ତରଫରୁ ସାମ୍ବାଦିକ ସମ୍ମିଳନୀ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଡା ସମାଲୋଚନା କରିଛନ୍ତି । ଲେନିନ କହିଥିଲେ,''ବାରମ୍ବାର ବିଗତ ୧୫ଦିନ ହେଲାଣି ଆମେ ପ୍ରଶ୍ନର ଉତ୍ତର ମାଗୁଛୁ । କିନ୍ତୁ ଧର୍ମେନ୍ଦ୍ର ଆମ ପ୍ରଶ୍ନର ଉତ୍ତର ଦେବା ଛାଡ଼ି ଅନ୍ୟ ପ୍ରସଙ୍ଗରେ ମିଛ କହୁଛନ୍ତି। କେନ୍ଦ୍ରମନ୍ତ୍ରୀ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ କେନ୍ଦ୍ର ତହବିଲରୁ କେତେ ଟଙ୍କା ଅନୁଦାନ ଦେଇଛନ୍ତି । ମୁଁ କହୁଛି କେନ୍ଦ୍ରମନ୍ତ୍ରୀ କହୁଥିବା ୩୦ କୋଟି କ'ଣ ତିନି କୋଟି ବି ଆସିନାହିଁ ବୋଲି ଶ୍ରୀ ମହାନ୍ତି କହିଛନ୍ତି।







## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

**ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।**
ସମ୍ପର୍କସ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଆଧୁନିକତାର ଛାପରେ ଲୋପ ପାଇବାକୁ ବସିଲେଣି ପଶୁପକ୍ଷୀ : ବିଶେଷଜ୍ଞ

**ଭୁବନେଶ୍ୱର, ୧୫/୦୫**
**ନ୍ୟୁଜ ବ୍ୟୁରୋ**
ରାଜ୍ୟରେ ଅନେକ ପଶୁପକ୍ଷୀ ଲୋପ ପାଇଛନ୍ତି। ଆଗକୁ ମଧ୍ୟ ଆହୁରି ଲୋପ ପାଇବାର ସମ୍ଭାବନା ଥିବା ନେଇ ଚେତାଇ ଦେଇଛନ୍ତି ବିଶେଷଜ୍ଞ । ବ୍ୟାପକ ଭାବରେ ସହରାଞ୍ଚଳ ବୃଦ୍ଧି ସାଙ୍ଗକୁ ଜଙ୍ଗଲ ନଷ୍ଟ ଆଦି ବନ୍ୟଜନ୍ତୁଙ୍କ ପାଇଁ ବିପଦ ଘନାଇଛି। ଆଧୁନିକତାର ଛାପ ଜୀବଜନ୍ତୁଙ୍କ ପାଇଁ ହେଉଛି ବିପଦ। ଗାଁ ଲୋକମାନେ ଏବେ ସହରାଭିମୁଖି ହୋଇଥିବାବେଳେ ଗାଁ ଗଣ୍ଡା କଂକ୍ରିଟ ଜଙ୍ଗଲରେ ପରିଣତ ହୋଇଛି । ଖାଦ୍ୟ ଅଭାବ କାରଣରୁ କିମ୍ବା ଶିକାର କାରଣରୁ ଅନେକ ପଶୁପକ୍ଷୀମାନଙ୍କ ବଂଶ ଲୋପ ପାଇବାକୁ ବସିଲାଣି। ଏଥିପ୍ରତି ସଚେତନ ନହେଲେ ଆଗାମୀ ଦିନରେ ପଶୁପକ୍ଷୀ ଉଭାନ ହୋଇଯିବେ ବୋଲି ବିଶେଷଜ୍ଞ ଚେତାଇ ଦେଇଛନ୍ତି। ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ୍ ମହାନ୍ତି କହିଛନ୍ତି, 'ପୂର୍ବରୁ ରାଜ୍ୟ ବା ଦେଶରୁ ଅନେକ ଜୀବଜନ୍ତୁ ବା ପକ୍ଷୀମାନେ ମଧ୍ୟ ଲୋପ ପାଇଛନ୍ତି। ସେମାନଙ୍କୁ ବର୍ତ୍ତମାନ ତାହା ଦେଖିବାକୁ ମିଳୁନାହିଁ। ବନ୍ୟଜନ୍ତୁଙ୍କ ମଧ୍ୟରେ ବାଘ ଆଗାମୀ ଦିନରେ ଓଡ଼ିଶାରୁ ସମ୍ପୂର୍ଣ୍ଣ ରୂପେ ଲୋପ ପାଇବାକୁ ବସିଛି । ବିଗତ ଦିନରେ ଓଡ଼ିଶାରେ ଯେଉଁଭଳି ଭାବରେ ବାଘଙ୍କ ସଂଖ୍ୟା ରହିଥିଲା ତାହା ବର୍ତ୍ତମାନ ସମୟରେ ବହୁତ କମିଯାଇଛି। ଅନେକ ସମୟରେ ଖାଦ୍ୟ ଏବଂ ଶିକାର କାରଣରୁ ବାଘଙ୍କ ସଂଖ୍ୟା ଲୋପ ପାଇବାରେ ଲାଗିଛି। ଅନ୍ୟପଟେ ବଜ୍ରକାପ୍ତା ଏକ ଜୀବ ଯାହାର ଦେଶ ବିଦେଶରେ ବହୁତ ଚାହିଦା ରହିଆସିଛି। ଯାହାକୁ ନେଇ ରାଜ୍ୟରେ ଚୋରା ଚାଲାଣ ଜୋରଦାର ହେଉଛି। ଫଳରେ ରାଜ୍ୟରେ ମଧ୍ୟ ବଜରକାପ୍ତାର ମଧ୍ୟ ବଂଶ ଲୋପ ପାଇବାକୁ ବସିଲାଣି। ସେ ଆହୁରି କହିଛନ୍ତି, 'ଘଡିଆଳ କୁମ୍ଭୀର ମଧ୍ୟ ଲୋପ ପାଇବାକୁ ବସିଲାଣି। ଯାହା ବିଶେଷ ଭାବରେ ଦୁର୍ଲଭ ଅଟେ। ଏମାନଙ୍କର ବଂଶକୁ ରକ୍ଷା କରିବା ପାଇଁ ସରକାର ଅନେକ ପଦକ୍ଷେପ ନେବା ଆବଶ୍ୟକ। ଏପଟେ ଅନେକ ପକ୍ଷୀ ମଧ୍ୟ ଲୋପ ପାଇବାକୁ ବସିଲାଣି। ଜଳରାଶିରେ ପକ୍ଷୀମାନେ ବସା ବାନ୍ଧିଥାନ୍ତି। କିନ୍ତୁ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପକ୍ଷୀମାନେ ବିଶେଷ ଭାବରେ ମହାନଦୀ କୂଳରେ ବସା ବାନ୍ଧିଥାନ୍ତି। କିନ୍ତୁ ବର୍ତ୍ତମାନ ସମୟରେ ଏହି ପକ୍ଷୀମାନେ ସହର ବଢିବା ସହିତ ଆଉ ବସା ବାନ୍ଧିବା ପାଇଁ ଆସୁନାହାନ୍ତି। ତେଣୁ ଏହା ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି। ଏହାସହ ଶାଗୁଣା, ଘର ଚଟିଆ, ଝିଙ୍କ, ବଜ୍ରକାପ୍ତା, କାଉ ଏବଂ ବାୟା ଚଢ଼େଇ ଭଳି ଅନେକ ପଶୁପକ୍ଷୀମାନେ ଦୁନିଆରୁ ଧୀରେ ଧୀରେ ଲୋପ ପାଇଯାଉଛନ୍ତି ।' ଏମାନଙ୍କ ବଂଶ ବୃଦ୍ଧି କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେବା ଆବଶ୍ୟକ ବୋଲି କହିଛନ୍ତି ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି । ସେହିପରି ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି ,'ସହର ବଢୁଛି ଓ ଜଙ୍ଗଲ ସଂକୀର୍ଣ୍ଣ ହେଉଛି। ତେଣୁ ପଶୁପକ୍ଷୀମାନଙ୍କ ବସା ବାନ୍ଧିବା ପାଇଁ ସ୍ଥାନ ନାହିଁ। ଖାଦ୍ୟର ଅଭାବ ରହିଥିବାବେଳେ ସେମାନଙ୍କ ଅଣ୍ଡାଦାନ ପ୍ରତି ବିପଦ ସୃଷ୍ଟି ହେଉଛି। ତେଣୁ ଜଳବାୟୁ ପରିବର୍ତ୍ତନ ସାଙ୍ଗକୁ ସହରୀକରଣ ପାଇଁ ଅନେକ ଜୀବଜନ୍ତୁଙ୍କ ସମେତ ପକ୍ଷୀମାନେ ମଧ୍ୟ ଲୋପ ପାଇବାକୁ ବସିଲାଣି। ଯେଉଁମାନେ ଜଙ୍ଗଲରେ ବସବାସ କରୁଥିଲେ ସେମାନଙ୍କ ପାଇଁ ଆଉ ସ୍ଥାନ ନାହିଁ। ସମ୍ପୂର୍ଣ୍ଣ ଭାବରେ କଂକ୍ରିଟ ଜଙ୍ଗଲ ପାଲଟିଯାଇଛି ।



## ବଢିଚାଲିଛି ବିଜେପିର ହିଂସା, ସିଇଓଙ୍କ ନିକଟରେ ଫେରାଦ ହେଲା ବିଜେଡି

**ଭୁବନେଶ୍ୱର, ୧୫/୦୫ ନ୍ୟୁଜ ବ୍ୟୁରୋ**
ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ। କିନ୍ତୁ ବିଜେପି ଦିନକୁ ଦିନ ରକ୍ତମୁଖା ହେଉଛି। ଏନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେଡି ଅଭିଯୋଗ କରିବା ସହିତ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ନୟାଗଡ଼ରେ ବିଜେପିର ଆକ୍ରମଣ, ଚିକିଟିରେ ବିଜେପି ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନସାମନ୍ତରାୟଙ୍କ କାଣ୍ଡ, ଗୋପାଳପୁରରେ ବିଜେଡି ପ୍ରାର୍ଥୀ ବିକ୍ରମ ପଣ୍ଡାଙ୍କ ପ୍ରଚାର ଗାଡ଼ିକୁ ବିଜେପି ପ୍ରାର୍ଥୀ ବିଭୂତି ଜେନା ଭାଙ୍ଗିବା ସହିତ ମିଶନ ଶକ୍ତି, ଅଙ୍ଗନବାଡ଼ି, ଆଶାକର୍ମୀ ଓ ସରକାରୀ ଅଧିକାରୀଙ୍କୁ ବିଜେପି ନେତାମାନେ ଧମକ ଦେଉଛନ୍ତି। ତେଣୁ ପୁଲିସ ସୁରକ୍ଷା ପ୍ରଦାନ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ବିଜେଡି ଅନୁରୋଧ କରିଛି। ହିଂସାକାଣ୍ଡରେ ସମ୍ପୃକ୍ତ ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ବିଜେଡି। ଏଦିଗରେ ପଦକ୍ଷେପ ନେବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆଶ୍ୱାସନା ଦେଇଥିବା ବିଜେଡି ସୂଚନା ଦେଇଛି।